# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume- 01
ISSUE - 48 ସଂଖ୍ୟା-୪୮
ଭୁବନେଶ୍ୱର, ଗୁରୁବାର ୬, ମାର୍ଚ୍ଚ ୨୦୨୫
Bhubaneswar, Thursday, 6, March 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com



Like, Follow & Subscribe
Satya News24


# ସୋନପ୍ରୟାଗ-କେଦାରନାଥ ରୋପୱେ ପ୍ରସ୍ତାବରେ ମୋହର

- ୩୬ ମିନିଟରେ ଶେଷ ହେବ ୯ଘଣ୍ଟାର ଯାତ୍ରା
- ଉତ୍ତରାଖଣ୍ଡରେ ଜାତୀୟ ରୋପୱେ ବିକାଶ କାର୍ଯ୍ୟକ୍ରମ
- ଗୋବିନ୍ଦଘାଟରୁ ହେମକୁଣ୍ଡ ସାହିବ ଜି ପର୍ଯ୍ୟନ୍ତ ରୋପ ପ୍ରକଳ୍ପ

**ନୂଆଦିଲ୍ଲୀ :** କେନ୍ଦ୍ର କ୍ୟାବିନେଟ୍ ବୁଧବାର କେଦାରନାଥ ଓ ହେମକୁଣ୍ଡ ସାହିବ ରୋପ ୱେକୁ ମଞ୍ଜୁରୀ ଦେଇଛି । ଏ ନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି ଯେ ପର୍ବତମାଳା ପ୍ରକଳ୍ପରେ ସୋନପ୍ରୟାଗ-କେଦାରନାଥ( ୧୨.୯ କିମି) ଓ ଗୋବିନ୍ଦ ଘାଟରୁ ହେମକୁଣ୍ଡ ସାହିବ (୧୨.୪ କିମି) ପର୍ଯ୍ୟନ୍ତ ରୋପ ୱେ ନିର୍ମାଣ ହେବ । ଏହି ରୋପ ୱେ ତିଆରି ହେଲେ ଏବେ ଯେଉଁ ଯାତ୍ରା ୮-୯ଘଣ୍ଟାରେ ପୁରା ହେଉଛି ତାହା ମାତ୍ର ୩୬ ମିନିଟରେ ଶେଷ ହେବ । ହେମକୁଣ୍ଡ ସାହିବ ଉତ୍ତରାଖଣ୍ଡର ଚମୋଲୀ ଜିଲ୍ଲାରେ ଅଛି । ଏହି ରୋପ ୱେ ନିର୍ମାଣରେ ୨,୭୩୦.୧୩ କୋଟି ଟଙ୍କା ବ୍ୟୟ ହେବ । ଏହି ରୋପ ୱେ ତିଆରି ହୋଇଗଲେ ଦୈନିକ ୧୧ ହଜାର ଯାତ୍ରୀ ଯାତାୟାତ କରିପାରିବେ । ରୋପ ୱେରେ ଏକ ସଙ୍ଗରେ ୩୬ ଜଣ ଯାତ୍ରୀଙ୍କ ବସିବା ଲାଗି ସୁବିଧା ରହିବ । ଏହି ରୋପ ୱେ ପରିବେଶ ଅନୁକୂଳ ହେବା ସହ ଆରାମପ୍ରଦ ଓ ଦ୍ରୁତ ଯୋଗାଯୋଗ ସୁବିଧା ପ୍ରଦାନ କରିବ । ଏହି ରୋପ ୱେ ଚାରିଧାମ ଯାତ୍ରାକୁ ପ୍ରୋତ୍ସାହିତ କରିବା ସହ ସ୍ଥାନୀୟ ବ୍ୟବସାୟୀଙ୍କ ନିମନ୍ତେ ମଧ୍ୟ ଲାଭଜନକ ସାବ୍ୟସ୍ତ ହେବ । ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ଏହା ସୁବିଧାପ୍ରଦ ଯାତ୍ରା ଉପଲବ୍ଧ କରିବ । ଅଶ୍ୱିନ ବୈଷ୍ଣବ କହିଛନ୍ତି ଯେ 'ଐତିହ୍ୟକୁ ନେଇ ଗର୍ବ' ଉପକ୍ରମରେ ସରକାର ଏହି ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି । ଗତବର୍ଷ କେଦାରନାଥକୁ ୨୩ଲକ୍ଷ ଶ୍ରଦ୍ଧାଳୁ ପହଞ୍ଚିଥିଲେ । ଏଥି ପାଇଁ ସେମାନଙ୍କୁ ପର୍ବତାରୋହଣ କରିବାକୁ ପଡିଥିଲା । ହେଲେ ରୋପ ୱେ ନିର୍ମାଣ ପରେ ତୀର୍ଥ ଯାତ୍ରୀଙ୍କୁ ଏହି ସମସ୍ୟାରୁ ମୁକ୍ତି ମିଳିଯିବ । ଏହି ରୋପ ୱେକୁ ନ୍ୟାସନାଲ ହାଇୱେ ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ତିଆରି କରିବେ । ଏହା ବିଶ୍ୱର ସବୁଠୁ ଦୀର୍ଘତମ ରୋପୱେ ମଧ୍ୟରେ ଅନ୍ୟତମ ହେବ । ଫୁଲ ଉପତ୍ୟାକା ଦେଖିବାକୁ ଆଗ୍ରହୀ ପର୍ଯ୍ୟଟକଙ୍କ ନିମନ୍ତେ ଏହି ଯାତ୍ରା ଲାଭଦାୟକ ହେବ । ଏହି ରୋପ ୱେର ନିର୍ମାଣ ସମୁଦ୍ର ପତନରୁ ୩,୫୮୩ ମିଟର ଉଚ୍ଚତାରେ ନିର୍ମାଣ କରାଯିବ । ଏହି ପ୍ରକଳ୍ପର ନିର୍ମାଣ ସମ୍ପୂର୍ଣ୍ଣ ହେଲେ ତୀର୍ଥ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ସୋନପ୍ରୟାଗରୁ କେଦାରନାଥ ପର୍ଯ୍ୟନ୍ତ ଯାତ୍ରା ମାତ୍ର ୬୦ ମିନିଟ୍ ଲାଗିବ । ଏ ପର୍ଯ୍ୟନ୍ତ ଏହି ଯାତ୍ରା ନିମନ୍ତେ ୬-୭ ଘଣ୍ଟା ସମୟ ଲାଗୁଛି । ସେହିପରି ଘାଁଘରିୟା ଦେଇ ହେମକୁଣ୍ଡ ସାହିବ ପର୍ଯ୍ୟନ୍ତ ୧୨.୫କିଲୋମିଟର ରାସ୍ତାକୁ ରୋପୱେ ୪୫ ମିନିଟରେ ପୁରା କରିଦେବ । ଏବେ ଗୋବିନ୍ଦ ଘାଟରୁ ହେମକୁଣ୍ଡ ସାହିବ ପର୍ଯ୍ୟନ୍ତ ୧୯ କିଲୋମିଟର ପଦ ଯାତ୍ରା ନିମନ୍ତେ ୧୨ଘଣ୍ଟା ସମୟ ଲାଗୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ଗୋବିନ୍ଦଘାଟରୁ ହେମକୁଣ୍ଡ ସାହିବ ଜି ପର୍ଯ୍ୟନ୍ତ ୧୨.୪ କିଲୋମିଟର ରୋପ ପ୍ରକଳ୍ପ ନିର୍ମାଣକୁ ମଞ୍ଜୁର କରିଛି । ୨,୭୩୦.୧୩ କୋଟି ଟଙ୍କାରପୁଞ୍ଜି ବ୍ୟୟରେ ଡିଜାଇନ୍, ବିଲ୍ଡ, ଫାଇନାନ୍ସ, ଅପରେଟ ଆଣ୍ଡ ଟ୍ରାନ୍ସଫର (ଡିବିଏଫଓଟି) ମୋଡରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ । ବର୍ତ୍ତମାନ ହେମକୁଣ୍ଡ ସାହିବ ଜି ଯାତ୍ରା ଗୋବିନ୍ଦଘାଟଠାରୁ ୨୧ କିଲୋମିଟର ଉଚ୍ଚ ପଦଯାତ୍ରା ଏବଂ ଏହା ପାଦରେ କିମ୍ବା ପୋନି କିମ୍ବା ପାଲକିଦ୍ୱାରା କରାଯାଉଛି । ତୀର୍ଥଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ଏବଂ ହେମକୁଣ୍ଡ ସାହିବ ଜୀ ଏବଂ ଫୁଲ ଉପତ୍ୟକାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁଦର୍ଶନ କରିବା ଏବଂ ଗୋବିନ୍ଦଘାଟ ତଥା ହେମକୁଣ୍ଡ ସାହିବ ଜୀଙ୍କ ମଧ୍ୟରେ ସୁଗମ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତାବିତ ରୋପଯୋଜନା କରାଯାଇଛି ।ସରକାରୀ-ବେସରକାରୀ ଭାଗିଦାରୀରେ ଏହି ରୋପୱେ ବିକଶିତ ହେବାର ଯୋଜନା ରହିଛି ଏବଂ ଗୋବିନ୍ଦଘାଟରୁ ଘଙ୍ଗରିଆ (୧୦.୫୫କିଲୋମିଟର) ପର୍ଯ୍ୟନ୍ତ ମନୋକେବଲ ଡିଟେଚେବଲ୍ ଗୋଣ୍ଡୋଲା (ଏମଡିଜି) ଉପରେ ଆଧାରିତ ହେବ, ଯାହା ଘଙ୍ଗରିଆରୁ ହେମକୁଣ୍ଡ ସାହିବଜି (୧.୮୫ କିଲୋମିଟର) ପର୍ଯ୍ୟନ୍ତ ସବୁଠାରୁ ଅତ୍ୟାଧୁନିକ ଟ୍ରାଇକେବଲ ଡିଟାଚେବଲ୍ ଗଙ୍ଗୋଲା (୩ଏସ୍) ଟେକ୍ନୋଲୋଜି ସହିତ ସମନ୍ୱିତହେବ ଯାହାର ଡିଜାଇନ୍ କ୍ଷମତା ଘଣ୍ଟା ପ୍ରତି ୧୧,୦୦୦ ଯାତ୍ରୀ (ପିପିଏଚପିଡି) ରହିବ ।ଏହି ରୋପୱେ ପ୍ରକଳ୍ପ ନିର୍ମାଣ ଏବଂ ପରିଚାଳନା ସମୟରେ ଆନୁଷଙ୍ଗିକ ପର୍ଯ୍ୟଟନ ଶିଳ୍ପ ଯଥା ଆତିଥ୍ୟ, ଭ୍ରମଣ, ଖାଦ୍ୟ ଏବଂ ପାନୀୟ (ଏଫ୍ଆଣ୍ଡବି) ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବର୍ଷ ସାରା ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।ସନ୍ତୁଳିତ ସାମାଜିକ-ଅର୍ଥନୈତିକ ବିକାଶ, ତୀର୍ଥଯାତ୍ରୀଙ୍କ ପାଇଁ ଶେଷ ମାଇଲ



ଯୋଗାଯୋଗ ବୃଦ୍ଧି ଏବଂ ଏହି ଅଞ୍ଚଳର ଦ୍ରୁତ ଅର୍ଥନୈତିକଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ରୋପ ପ୍ରକଳ୍ପର ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।ହେମକୁଣ୍ଡ ସାହିବ ଜୀ ଉତ୍ତରାଖଣ୍ଡ ରାଜ୍ୟର ଚମୋଲି ଜିଲ୍ଲାରେ ୧୫,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏକ ଅତ୍ୟନ୍ତ ଲୋକପ୍ରିୟ ତୀର୍ଥସ୍ଥଳ । ପବିତ୍ର ସ୍ଥାନରେ ସ୍ଥାପିତ ଗୁରୁଦ୍ୱାର ମେ ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷକୁ ପ୍ରାୟ ୫ ମାସ ଖୋଲା ରହିଥାଏ ଏବଂ ବାର୍ଷିକ ପ୍ରାୟ ୧.୫ ରୁ ୨ ଲକ୍ଷ ତୀର୍ଥଯାତ୍ରୀ ଏଠାକୁ ଆସିଥାନ୍ତି । ହେମକୁଣ୍ଡ ସାହିବ ଜିଙ୍କ ଯାତ୍ରା ପ୍ରାଚୀନ ଗଢ଼ୱାଲ ହିମାଳୟରେ ଅବସ୍ଥିତ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀଭାବରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଉଦ୍ୟାନ ପ୍ରସିଦ୍ଧ ଭ୍ୟାଲି ଅଫ୍ ଫ୍ଲାୱାରର ପ୍ରବେଶ ଦ୍ୱାର ଭାବରେ ମଧ୍ୟ ପରିଚିତ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ପ୍ରାଣୀଧନ ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣକାର୍ଯ୍ୟକ୍ରମର ସଂଶୋଧନକୁ ଅନୁମୋଦନ କରିଛି ।ଏହି ଯୋଜନାରେ ତିନୋଟି ଉପାଦାନ ରହିଛି ଯେମିତି ଜାତୀୟ ପ୍ରାଣୀଧନ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ,LH&DC ଏବଂ ପଶୁ ଔଷଧ । LH&DCର ତିନୋଟି ଉପ-ଉପାଦାନ ଅଛି ଯଥା: ଗୁରୁତର ପ୍ରାଣୀଧନ ରୋଗନିୟନ୍ତ୍ରଣ କାର୍ଯ୍ୟକ୍ରମ (CADCP), ବିଦ୍ୟମାନ ପ୍ରାଣୀଧନ ଡାକ୍ତରଖାନା ଏବଂ ଔଷଧାଳୟର ପ୍ରତିଷ୍ଠା ଏବଂସୁଦୃଢ଼ୀକରଣ - ଭ୍ରାମ୍ୟମାଣ ପ୍ରାଣୀଧନ ୟୁନିଟ୍ ଏବଂ ପ୍ରାଣୀଧନ ରୋଗ ନିୟନ୍ତ୍ରଣ ପାଇଁରାଜ୍ୟମାନଙ୍କୁ ସହାୟତା । ପଶୁ ଔଷଧ୍ ହେଉଛି LHDCP ଯୋଜନାରେ ଯୋଡ଼ାଯାଇଥିବା ନୂତନଉପାଦାନ । ଯୋଜନାର ମୋଟ ବ୍ୟୟ ଅଟକଳ ୩୮୮୦ କୋଟି ଟଙ୍କା, ଯେଉଁଥିରେ ଦୁଇ ବର୍ଷ ଅର୍ଥାତ୍ ୨୦୨୪-୨୫ଏବଂ ୨୦୨୫-୨୬ ପାଇଁ ୨ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ବ୍ୟୟ ଅଟକଳରେ ଉତ୍ତମ ଗୁଣବତ୍ତାଏବଂ ସୁଲଭ ଜେନେରିକ୍ ପ୍ରାଣୀଚିକିତ୍ସା ଏବଂ ପଶୁ ଔଷଧ ଯୋଜନା ଅଧୀନରେ ଔଷଧ ବିକ୍ରୟ ପାଇଁ ପ୍ରୋତ୍ସାହନପାଇଁ ୭୫ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି ।ପାଦ ଏବଂ ମୁଖ ରୋଗ , ବ୍ରୁସେଲୋସିସ୍ ପେଷ୍ଟ ଡେସ୍ ପେଟିଟ୍ସ ରୁମିନାଣ୍ଟ (PPR),ସେରେବ୍ରୋସ୍ପାଇନାଲ୍ ଫ୍ଲୁଇଡ୍ (CSF), ଗଣ୍ଡା ଚର୍ମ ରୋଗ ଭଳି ରୋଗ ଯୋଗୁଁ ପ୍ରାଣୀଧନର ଉତ୍ପାଦକତାରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । LHDCP କାର୍ଯ୍ୟକାରୀ ହେବା ଦ୍ୱାରା ଟିକାକରଣ ମାଧ୍ୟମରେ ରୋଗକୁ ରୋକି ଏହି କ୍ଷତି ହ୍ରାସ କରାଯାଇପାରିବ ।

## ଶିକ୍ଷା, ଦକ୍ଷତା ଓ ସ୍ୱାସ୍ଥ୍ୟସେବା ସରକାରଙ୍କ ପ୍ରାଥମିକତା : ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସରକାର ପୁଞ୍ଜିନିବେଶ କ୍ଷେତ୍ରରେ ଭିତ୍ତିଭୂମି ଏବଂ ଶିଳ୍ପ ସହିତ ଅର୍ଥନୀତି ଏବଂ ଉଦ୍ଭାବନକୁ ପ୍ରାଥମିକତା ଦେଇଛନ୍ତି । ନିଯୁକ୍ତି ଉପରେ ବଜେଟ୍ ପରବର୍ତ୍ତୀ ୱେବିନାରରେ ମୋଦି କହିଛନ୍ତି ଯେ ଲୋକଙ୍କ କ୍ଷେତ୍ରରେ ପୁଞ୍ଜିନିବେଶ କରିବାର ଲକ୍ଷ୍ୟ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ ଓ ତାହା ହେଉଛି ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟସେବା । ସେ କହିଥିଲେ ଯେ ଅନେକ ଦଶନ୍ଧି ପରେ ଭାରତର ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସୁଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଟେଲିମେଡିସିନ ସୁବିଧାକୁ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିସ୍ତାର କରାଯାଉଛି । ଡେ କେୟାର କ୍ୟାନସର ସେଣ୍ଟର ଓ ଡିଜିଟାଲ ହେଲଥ କେୟାର ଭିତ୍ତିଭୂମି ଜରିଆରେ ସରକାର ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଶେଷ ମାଇଲରେ ପହଞ୍ଚାଇବାକୁ ଚାହୁଁଛନ୍ତି । ଘରୋଇ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ଚଳିତ ବଜେଟରେ ଅନେକ ନିଷ୍ପତ୍ତି ନିଆଯାଇଛି ।କୃତ୍ରିମ ବୁଦ୍ଧିମତା ଦକ୍ଷତା ବିକାଶ ପାଇଁ ଭାରତ ଏକ ଜାତୀୟ ବୃହତ ଭାଷା ମଡେଲ ପ୍ରତିଷ୍ଠା କରିବ ବୋଲି ଶ୍ରୀ ମୋଦୀ କହିଥିଲେ । ଏ ଦିଗରେ ଘରୋଇ କ୍ଷେତ୍ରକୁ ମଧ୍ୟ ବିଶ୍ୱଠାରୁ ଗୋଟିଏ ପାଦ ଆଗକୁ ଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଷ୍ଟାର୍ଟଅପକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଚଳିତ ବଜେଟରେ ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଲକ୍ଷ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତର ସମୃଦ୍ଧ ପାଣ୍ଡୁଲିପି ଐତିହ୍ୟ ସଂରକ୍ଷଣରେ ଜ୍ଞାନ ଭାରତମ୍ ମିଶନର ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଘୋଷଣା କରିଥିଲେ ଯେ ଏହି ମିଶନ ଅଧୀନରେ ଏକ କୋଟିରୁ ଅଧିକ ପାଣ୍ଡୁଲିପିକୁ ଡିଜିଟାଇଜ୍ କରାଯିବ, ଯାହା ଦ୍ୱାରା ଏକ ଜାତୀୟ ଡିଜିଟାଲ ଭଣ୍ଡାର ସୃଷ୍ଟି ହେବ । ଏହି ଭଣ୍ଡାର ଭାରତର ଐତିହାସିକ ଏବଂ ପାରମ୍ପରିକ ଜ୍ଞାନକୁ ଉପଲବ୍ଧ କରାଇବାରେ ସମଗ୍ର ବିଶ୍ୱର ପଣ୍ଡିତ ଏବଂ ଗବେଷକମାନଙ୍କୁ ସକ୍ଷମ କରିବ ବୋଲି ସେ କହିଥିଲେ । ଭବିଷ୍ୟତ ପିଢ଼ି ପାଇଁ ଜେନେଟିକ୍ ସମ୍ବଳ ଏବଂ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଭାରତର ଉଦ୍ଭିଦ ଜେନେଟିକ୍ ସମ୍ବଳର ସଂରକ୍ଷଣ ପାଇଁ ଏକ ଜାତୀୟ ଜିନ୍ ବ୍ୟାଙ୍କ ପ୍ରତିଷ୍ଠା ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଶାସନ, ଭିତ୍ତିଭୂମି ଏବଂ ଆର୍ଥିକ ସ୍ଥାୟୀତା ଉପରେ ଗୁରୁତ୍ୱ ଦେବା ସହିତ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ସହିତ ଏକ ଲକ୍ଷ କୋଟି ଟଙ୍କାର ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ପ୍ରତିଷ୍ଠା ପାଇଁ ମଧ୍ୟ ଶ୍ରୀ ମୋଦୀ ଘୋଷଣା କରିଛନ୍ତି ।

## ମେଡିକାଲ୍ ଆଡମିଶନରେ କୋଟା ସ୍କାମ୍ ଘଟଣା
### ଓଡ଼ିଶାର ୪ ଟି ସ୍ଥାନରେ ଇଡି ରେଡ୍

**ଭୁବନେଶ୍ୱର :** କିମ୍ସ, ହାଇଟେକ୍, ସମ୍ ଭଳି ରାଜ୍ୟର ତିନିଟି ପ୍ରତିଷ୍ଠିତ ବେସରକାରୀ ମେଡିକାଲ୍ କଲେଜରେ ଇଡି ରେଡ୍ । କୁହାଯାଉଛି, ମେଡିକାଲ୍ ସିଟ୍ ଆଡମିଶନରେ ନନ୍ ରେସିଡେଣ୍ଟ ଇଣ୍ଡିଆନ୍ ବା ଏନ୍ଆରଆଇ କୋଟା ସ୍କାମରେ ଏହି ରେଡ୍ ଚାଲିଛି । କୋଲକାତା ଇଡିର ୮ଟି ଟିମ୍ ରାଉରକେଲା ସହ ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ୍ ଓ ଭୁବନେଶ୍ୱରେ କିମ୍ସ ଓ ସମ୍ ହସ୍ପିଟାଲରେ ଏହି ଯାଞ୍ଚ କରୁଛି । ପୂର୍ବରୁ ଏଭଳି କେଳେଙ୍କାରୀରେ ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀ ଗିରଫ ହୋଇଥିଲା ବେଳେ ଓଡ଼ିଶାରେ ଇଡିର ଏ ରେଡ୍ ଚର୍ଚ୍ଚା ସୃଷ୍ଟି କରିଛି । କୋଲକାତା ଇଡିର ୮ଟି ଟିମ୍ ଆଜି ସକାଳୁ ସକାଳୁ ରାଜ୍ୟର ତିନି ଘରୋଇ ମେଡିକାଲ କଲେଜ୍, କିମ୍ସ ହାଇଟେକ୍ ଓ ସମ୍ ରେ ମାରାଥାନ୍ ଯାଞ୍ଚରୁ ବଢ଼ିଛି ଚର୍ଚ୍ଚା । ଆଜି ସକାଳୁ ଏଇସବୁ ଟିମ୍ ରାଉରକେଲା ଓ ଭୁବନେଶ୍ୱରର ହାଇଟେକ୍ ଏବଂ ଭୁବନେଶ୍ୱରର କିମ୍ସ ଓ ସମ୍ ହସ୍ପିଟାଲରେ ଏକକାଳୀନ ଏହି ଯାଞ୍ଚ ଚଳାଇଛି । ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଜଓ କୋଟା କେଳେଙ୍କାରୀର ତଦନ୍ତ କରୁଥିବା କୋଲକାତା ଇଡି ହାତରେ ପ୍ରମାଣ ଲାଗିବା ପରେ ଏଇ ସବୁ କଲେଜ ଉପରେ ହୋଇଛି ରେଡ୍ । ମେଡିକାଲ ଆଡମିଶନରେ କଣ ଏଇ ଘଜଓ ବା ନନ୍ ରେସିଡେଣ୍ଟ୍ ଇଣ୍ଡିଆନ୍ କୋଟା ଓ କେମିତି ହୋଇପାରେ ସ୍କାମ୍ । ବ୍ୟବସ୍ଥା ଅନୁଯାୟୀ, ପ୍ରତି ମେଡିକାଲ କଲେଜରେ ଘଜଓ ପିଲାଙ୍କ ପାଇଁ କୋଟା ଥାଏ । ଯାହାର ଫି ଭାରତୀୟ ଛାତ୍ରଛାତ୍ରୀଙ୍କଠୁ ପ୍ରାୟ ଦୁଇ ଗୁଣା ଅଧିକ । ଉଦାହରଣ ସ୍ୱରୂପ ଏମବିବିଏସରେ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ କଓଓଗଝ ମେଡିକାଲ କଲେଜର ପୂରା କୋର୍ସ ଫି ୮୩ ଲକ୍ଷ ୨୫ ହଜାର ଟଙ୍କା ଥିବାବେଳେ ଏନଆରଆଇ ପିଲାଙ୍କ ପାଇଁ ଏହା ପ୍ରାୟ ୧ କୋଟି ୯୫ ଲକ୍ଷ ଟଙ୍କା । ତେଣୁ ଯାର ଫାଇଦା ନିଅନ୍ତି ପ୍ରାଇଭେଟ୍ କଲେଜ୍, ଘଜଓ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍ ବ୍ଲକ୍ କରି ହୁଏ କୋଟି କୋଟିର ବେପାର ।

### ହାଇକୋର୍ଟରେ ସରକାରଙ୍କ ସତ୍ୟପାଠ
## ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ସାର୍ବଜନୀନ ହେବନି

**କଟକ :** ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାର ନୂଆ ମୋଡ । ହାଇକୋର୍ଟରେ ପହଞ୍ଚିଲା ମାମଲା । ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ମାମଲାରେ ଆଜି ଉଚ୍ଚତମ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର । ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି । ହାଇକୋର୍ଟରେ ଏନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ବେଳେ ସରକାର ଉତ୍ତର ରଖିଛନ୍ତି । ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟକୁ ମାନିବା କିମ୍ବା ସାର୍ବଜନୀନ କରିବାକୁ ସରକାର ବାଧ ନୁହନ୍ତି ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ସେହପରି କମିଶନଙ୍କ ରିପୋର୍ଟ କାର୍ଯ୍ୟକାରୀ କରିବାକୁ ମଧ୍ୟ ସରକାର ବାଧ ନୁହଁନ୍ତି କୋର୍ଟକୁ ଜଣାଇଛନ୍ତି ସରକାର । ଅନ୍ୟପଟେ କାହିଁକି ସରକାର ରିପୋର୍ଟ ସାର୍ବଜନୀନ କରିବାକୁ ବାଧ ନୁହଁନ୍ତି ତାହା ଆଗାମୀ ତାରିଖରେ ଶୁଣାଣି ହେବ । ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ଶ୍ରୀମନ୍ଦିର ଚାବି ହଜିବା ପ୍ରସଙ୍ଗରେ ଜଷ୍ଟିସ ରଘୁବୀର ଦାସଙ୍କ ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଆବେଦନକାରୀ କୋର୍ଟଙ୍କୁ ଜଣାଇଥିଲେ ଯେ ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ କେବେ ସାର୍ବଜନୀନ କରାଯିବ ସେନେଇ କୌଣସି ଜବାବ ଦାଖଲ କରୁନାହାନ୍ତି । ସରକାର ବାରମ୍ବାର ସମୟ ନେଇ ଚାଲିଛନ୍ତି । ଏହି ମାମଲାରେ କୋର୍ଟ ଶୁଣାଣି କରି କେବେ ଏହାର ଜବାବ ରଖିବେ ସେନେଇ ସତ୍ୟପାଠ ମାଧ୍ୟମରେ ଜଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଆବେଦନକାରୀ ଦିଲୀପ କୁମାର ବରାଳଙ୍କ ପକ୍ଷରୁ ଦାୟର କରାଯାଇଥିବା ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ । ସେକ୍ସନ ୩(୪) ତଦନ୍ତ କମିଶନ ୧୯୫୨ ଧାରାକୁ ପାଳନ କରିବା, ରତ୍ନଭଣ୍ଡାରରେ ଥିବା ସାମଗ୍ରୀଗୁଡିକର ଯାଞ୍ଚ କରିବା ଏବଂ ରତ୍ନଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଓକୁ ଦାୟିତ୍ୱ ଦିଆଯିବା ଭଳି ୩ଟି ପ୍ରସଙ୍ଗକୁ ନେଇ ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ । ଆବେଦନକାରୀ ଆବେଦନରେ ଦର୍ଶାଇଛନ୍ତି ଯେ ୨୦୧୮ ଜୁନ ୬ ମସିହାରେ ଜଷ୍ଟିସ ରଘୁବୀର ଦାସ କମିଶନ ଗଠନ କରାଯାଇଥିଲା । ନଭେମ୍ବର ୨୯ ,୨୦୧୮ ତାରିଖରେ ତଦନ୍ତ କମିଶନ ରିପୋର୍ଟ ଦାଖଲ କରିଥିଲେ । ମାତ୍ର ଏହି ରିପୋର୍ଟ ସାର୍ବଜନୀନ କରାଯାଇନାହିଁ । ସେକ୍ସନ ୩(୪)କୁ ରାଜ୍ୟ ସରକାର ଉଲ୍ଲଂଘନ କରିଛନ୍ତି ବୋଲି ଆବେଦନକାରୀ କୋର୍ଟଙ୍କୁ ଅବଗତ କରିଛନ୍ତି । ଏହି ନିୟମ ଅନୁଯାୟୀ ତଦନ୍ତ କମିଶନଙ୍କ ରିପୋର୍ଟ ଦାଖଲ ହେବାର ୬ ମାସ ମଧ୍ୟରେ ରାଜ୍ୟ ସରକାର ବିଧାନସଭାରେ ଉପସ୍ଥାପନ କରିବା କଥା । ମାତ୍ର ଏହାକୁ ଉଲ୍ଲଂଘନ କରିଛନ୍ତି ସରକାର ।



### ସୁଭଦ୍ରା ନିୟମକୁ ନେଇ ଆସିଲା ବଡ଼ ଅପଡେଟ୍
## ଆଜି ମିଳିବ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା
### ରାକ୍ଷୀ ପୂର୍ଣ୍ଣିମାରେ ଏକକାଳୀନ ୩ଟି କିସ୍ତିରେ ମିଳିବ ଟଙ୍କା

**ଭୁବନେଶ୍ୱର :** ସୁଭଦ୍ରା ଯୋଜନାକୁ ନେଇ ବଡ଼ ଖବର । ୩ ଦିନରେ ଦୁଇ ଦୁଇ ଥର ମିଳିବ ଟଙ୍କା । ଡବଲ କିସ୍ତି ପାଇବେ ହିତାଧିକାରୀ । ଏ ନେଇ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ସରକାର । ମାର୍ଚ୍ଚ ୬ ତାରିଖ ଅର୍ଥାତ ଗୁରୁବାର ମିଳିବ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା । ଆଉ ତା ପରେ ପରେ ପୁଣି ଦିନକ ପରେ ଆଉ ଥରେ ମିଳିବ ସୁଭଦ୍ରା ଟଙ୍କା । ମାତ୍ର ୩ ଦିନ ଭିତରେ ଦୁଇ ଦୁଇ ଥର ଟଙ୍କା ପାଇବେ ହିତାଧିକାରୀ । ଅର୍ଥାତ ୧୦ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିବ ।ମହିଳାଙ୍କ ସୁବିଧା ପାଇଁ ୫ମ ପର୍ଯ୍ୟାୟ ସୁଭଦ୍ରା ଯୋଜନା ସହାୟତା ମିଳିବାକୁ ଯାଉଛି । ଚଳିତ ମାର୍ଚ୍ଚ ୬ ତାରିଖରେ ୧ମ କିସ୍ତି ଏବଂ ମାର୍ଚ୍ଚ ୮ ତାରିଖ (ଅନ୍ତର୍ଜାତୀୟ ମହିଳା ଦିବସ) ରେ ୨ୟ କିସ୍ତି ପ୍ରଦାନ କରାଯିବ । ସୁଭଦ୍ରା ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ପାର ହୋଇଥିବା ବେଳେ ମାର୍ଚ୍ଚ ୮ ତାରିଖରେ ଏକାବେଳେ ସମସ୍ତଙ୍କ ଖାତାକୁ ଯିବ ସୁଭଦ୍ରା ଯୋଜନା ଟଙ୍କା । ଏହା ଦ୍ୱାରା ୧ କୋଟିରୁ ଅଧିକ ହିତାଧିକାରୀ ଉପକୃତ ହେବେ ।ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବୁଧବାର କହିଛନ୍ତି,'ଆମର ସୌଭାଗ୍ୟ । ଆମେ କୋଟିଏ କହିଥିଲୁ । ଏବେ ଗାଁର ସୁଭଦ୍ରାମାନେ ଆମକୁ ପ୍ରସ୍ତୁତ କରିଦେଲେ । ଆମେ ପୂର୍ବରୁ ୯୮ ଲକ୍ଷ ଦେଇଥିଲୁ । ତେଣୁ ଆସନ୍ତା ୬ ତାରିଖରେ ଯାହା ବାକି ଅଛି, ସେ ଟଙ୍କା ଦେବୁ । ଏବେ ସୁଭଦ୍ରା ମ୍ୟାଜିକ ନମ୍ବର କୋଟିଏରୁ ଉର୍ଦ୍ଧ୍ୱ ଛୁଇଁଛି । ଏଣିକି ସୁଭଦ୍ରା ଯୋଜନା ହେବ ଡୋର ଟୁ ଡୋର ସର୍ଭେ । ବଞ୍ଚିତ ହିତାଧିକାରୀ ଖୋଜିବାକୁ ସରକରା ପ୍ରୟାସ କରିବେ । ମାର୍ଚ୍ଚ ୩୧ ଯାଏଁ ଆବେଦନ ବନ୍ଦ କରି ସର୍ଭେ ହେବ । ଏଯାଏଁ ସୁଭଦ୍ରାରେ ୧କୋଟି ୮ଲକ୍ଷ ମହିଳାଙ୍କ ଆବେଦନ କରିଛନ୍ତି' ।ପ୍ରଭାତୀ ଆହୁରି କହିଛନ୍ତି, କୋଟିଏ ମହିଳା ଏବେ ଗୋଟିଏ କଥା କହିବେ । ମହିଳା ଦିବସ ପୂର୍ବରୁ କୋଟିଏ ଛୁଇଁଛି ସଂଖ୍ୟା । ମାର୍ଚ୍ଚ ୮ ତାରିଖରେ ସମସ୍ତ ହିତାଧିକାରୀଙ୍କ ଖାତାକୁ ସୁଭଦ୍ରା ଯୋଜନା ଟଙ୍କା ଯିବ । ଆଉ ଏହା ଏକାବେଳେ ସମସ୍ତଙ୍କ ଖାତାକୁ ଯିବ ।

## ଲମ୍ବା ସମୟ ଲିଭ୍-ଇନ୍ ରିଲେସନଶିପରେ ଥିଲେ ମହିଳା ବଳାତ୍କାର ଦାବି କରିପାରିବେ ନାହିଁ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ ଲମ୍ବା ସମୟ ଲିଭ୍-ଇନ୍ ସମ୍ପର୍କରେ ଥିବା ଜଣେ ମହିଳା ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରାଯାଇଥିବା ଦାବି କରିପାରିବେ ନାହିଁ ଯାହା ଦ୍ୱାରା ତାଙ୍କ ସାଥୀଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆସିପାରିବ ।ଦି ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ଏପରି କ୍ଷେତ୍ରରେ, ଏହା ନିଶ୍ଚିତ ଭାବରେ ସିଦ୍ଧାନ୍ତରେ କୁହାଯାଇପାରିବ ନାହିଁ ଯେ ଶାରୀରିକ ସମ୍ପର୍କ କେବଳ ବିବାହର ପ୍ରତିଶ୍ରୁତି ଆଧାରରେ ହୋଇଥିଲା । ଲିଭ୍-ଇନ୍ ସାଥୀଙ୍କ ଦ୍ୱାରା ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଜଣେ ବ୍ୟାଙ୍କ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ସମୟରେ କୋର୍ଟ ଏହି ମନ୍ତବ୍ୟ ଆସିଛି ।

ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ମହିଳା ଅଧ୍ୟାପକଙ୍କ ଆବେଦନକୁ ଖାରଜ କରିଦେଇଥିଲେ ଯିଏ ଅଭିଯୋଗ କରିଥିଲେ ଯେ ସେ ବିବାହର ପ୍ରତିଶ୍ରୁତି ଆଧାରରେ ଅଭିଯୁକ୍ତଙ୍କ ସହ ୧୬ ବର୍ଷ ଧରି ଯୌନ ସମ୍ପର୍କରେ ଥିଲେ ।କୋର୍ଟ କହିଛନ୍ତି ଯେ ଉଭୟ ବ୍ୟକ୍ତି ସୁଶିକ୍ଷିତ ଥିଲେ ଏବଂ ସ୍ୱେଚ୍ଛାକୃତ ଭାବରେ ଏକ ସହମତିପୂର୍ଣ୍ଣ ସମ୍ପର୍କ ବଜାୟ ରଖିଥିଲେ, ବିଭିନ୍ନ ସହରରେ ରହୁଥିବା ବେଳେ ମଧ୍ୟ ପ୍ରାୟତଃ ପରସ୍ପରର ବାସସ୍ଥାନକୁ ଯାଆନ୍ତି । ଏହା ଦର୍ଶାଉଛି ଯେ ମାମଲାଟି ଏକ ବିଫଳ ପ୍ରେମ ସମ୍ପର୍କ କିମ୍ବା ଏକ ଲିଭ୍-ଇନ୍ ସମ୍ପର୍କକୁ ପ୍ରତିଫଳିତ କରିଛି ଯାହା ସମୟକ୍ରମେ ତିକ୍ତ ହୋଇଯାଇଥିଲା ।ସୁପ୍ରିମକୋର୍ଟ କହିଛନ୍ତି ଯେ ଘନିଷ୍ଠ ସମ୍ପର୍କ ଥିବା ୧୬ ବର୍ଷର ଦୀର୍ଘ ସମୟରୁ ଏହା ନିର୍ଣ୍ଣୟ ହୁଏ ଯେ ବଳପ୍ରୟୋଗର କୌଣସି ଅସ୍ତିତ୍ୱରେ ନଥିଲା ।"ଏହା ବିଶ୍ୱାସ କରିବା କଷ୍ଟକର ଯେ ଅଭିଯୋଗକାରୀ ପ୍ରାୟ ୧୬ ବର୍ଷ ଧରି ଆବେଦନକାରୀଙ୍କ ଦାବିକୁ ମାନିବା ଜାରି ରଖିଥିଲେ ଏବଂ କୌଣସି ବର୍ଗକୁ କୌଣସି ପ୍ରତିବାଦ କରିନଥିଲେ ଯେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଆବେଦନକାରୀ ତାଙ୍କୁ ଯୌନ ଶୋଷଣ କରୁଥିଲେ । ୧୬ ବର୍ଷ ଧରି ଦୁଇଜଣଙ୍କ ମଧ୍ୟରେ ଯୌନ ସମ୍ପର୍କ ଅବିରତ ଭାବରେ ଜାରି ରହିବା ଏହି ସିଦ୍ଧାନ୍ତ ପାଇଁ ଯଥେଷ୍ଟ ଯେ ସମ୍ପର୍କରେ କେବେବି ବଳପ୍ରୟୋଗ କିମ୍ବା ପ୍ରତାରଣାର ଉପାଦାନ ନଥିଲା," ଶୀର୍ଷ କୋର୍ଟ କହିଛନ୍ତି ।କୋର୍ଟ କହିଛନ୍ତି ଯେ ଯଦିଓ ଏହା ଧରିନିଆଯାଏ ଯେ ଏକ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା, ତେବେ ସମ୍ପର୍କର ଦୀର୍ଘ ଅବଧି ଅଭିଯୋଗକାରୀଙ୍କ ଦାବିକୁ ଦୁର୍ବଳ କରିଦେଇଛି ଯେ ତାଙ୍କ ସମ୍ମତି କେବଳ ବିବାହ ଆଶା ଉପରେ ଆଧାରିତ । ରାୟରେ ଜୋର ଦିଆଯାଇଛି ଯେ ଯେତେବେଳେ ଏକ ସମ୍ପର୍କ ଦୀର୍ଘ ସମୟ ଧରି ଜାରି ରହେ ସେତେବେଳେ ଏପରି ଦାବିଗୁଡ଼ିକ ବିଶ୍ୱସନୀୟତା ହରାଇଥାଏ ।



# ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ

**ପାରାଦୀପ,(ନି.ପ୍ର) :** ନଗର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ପାରାଦୀପ ଅଠରବାଙ୍କୀ ସ୍ଥିତ ବିଜୁ ପାର୍କ ରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡାକ୍ତର .କୂଳମଣୀ ସାମଲଙ୍କ ସମେତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଓ ବହୁ ବୁଦ୍ଧିଜୀବୀ ମାନେ ଯୋଗ ଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଏବଂ ଆମେ ଆମ ପୂର୍ବ ପୁରୁଷ ମାନଙ୍କୁ ଭୁଲି ନ ଯାଇ ସେମାନଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ କାମ କରିବାକୁ ଡାକ୍ତର ଶ୍ରୀ ସାମଲ କହିଥିଲେ ।ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଜୁ ଜନତା ଦଳର ଯୁବ ନେତା ଓ କର୍ମୀ ସାମିଲ ହୋଇଥିଲେ। ଆଗାମୀ ଦିନରେ ବିଜୁ ପଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳକୁ ଆହୁରି ସଶକ୍ତ ଓ ମଜବୁତ କରିବା ଆମର ସଂକଳ୍ପ ବୋଲି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଥିଲା ବେଳେ ବିଜୁବାବୁ ଜଣେ ଅଦ୍ୱିତୀୟ ନେତା ଓ ରାଷ୍ଟ୍ରନୀତିଜ୍ଞ ଥିଲେ ଏବଂ ସେ ପାରାଦ୍ୱୀପ ସମେତ ରାଜ୍ୟର ସମସ୍ତ ଜନ ସାଧାରଣଙ୍କ ହୃଦୟ ରେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଶ୍ରୀ ବିଶ୍ୱାଳ ନିଜ ବିବୃତିରେ କହିଥିଲେ । ଏହି ପରିପ୍ରେକ୍ଷୀରେ ଅଠରବାଙ୍କୀ ବିଜୁ ପାର୍କ ଠାରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ଶତାଧିକ ବିଜେଡି କର୍ମୀ ମହିଳା ଓ ପୁରୁଷ ମାନେ ଯୋଗ ଦେଇଥିଲେ। ତେବେ ମାର୍ଚ୍ଚ ୫ତାରିଖ ପଞ୍ଚାୟତ ଦିବସ କୁ ସରକାର ପରିବର୍ତ୍ତିତ କରିଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ ।

# ଚୋରା ମଦ ବିକ୍ରୀ କୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ

**ଭାପୁର,(ନି.ପ୍ର) :** ଭାପୁର ବ୍ଲକ ଫତେଗଡ ଥାନା ଅନ୍ତର୍ଗତ ଆଡିପଡ଼ା ଗ୍ରାମରେ ଚୋରା



ଦେଶୀ ଓ ବିଦେଶୀ ମଦ ବିକ୍ରୀ ହେଉଥିବା ନେଇ ଗ୍ରାମବାସୀ ମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, ଭାପୁର ବ୍ଲକ ରକମା ପଞ୍ଚାୟତ ଆଡିପଡ଼ା ଗ୍ରାମର ଶଙ୍କର ସାହୁ ଗ୍ରାମରେ ଦେଶୀ ଓ ବିଦେଶୀ ମଦ ଚୋରାରେ ବିକ୍ରି କରୁଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଶଙ୍କର କୁ ବାରମ୍ବାର ବାରଣ କରିବା ସତ୍ତ୍ୱେ ସେ ଗ୍ରାମବାସୀଙ୍କ କଥାକୁ ଭ୍ରୁକ୍ଷେପ ନ କରି ବିଭିନ୍ନ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧମକ ଦେଉଛି। ଗ୍ରାମରେ ଚୋରା ମଦ କାରବାର ପାଇଁ ଯୁବକ ମାନେ ପଥ ଭ୍ରଷ୍ଟ ହେବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏଥି ସହ ଗ୍ରାମର ଶାନ୍ତ ପରିବେଶ ଦିନକୁ ଦିନ ହ୍ରାସ ପାଉଛି। ତୁରନ୍ତ ଗ୍ରାମରେ ଚୋରା ମଦ କାରବାର ରୋକିବା ପାଇଁ ଫତେଗଡ ଥାନାରେ ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ମଧ୍ଯ ଏଥି ପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଟାଙ୍ଗରପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାଟଣା,(ନି.ପ୍ର) :** ପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଟାଙ୍ଗରପଡାର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଆନନ୍ଦ ଉଲ୍ଲାସ ସହ ଗତ ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିକାଶ କୁମାର ପୃଷ୍ଟିଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପାଟଣା ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସୁ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଅଜୟ କୁମାର ସାମଲ ପିଲାମାନଙ୍କୁ ଚେତନାର ବିକାଶ ପାଇଁ ଯୋଗ,ବ୍ୟାୟାମ, ଓ ଧ୍ୟାନ ଉପରେ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପାଟଣା ବନବିଭାଗ ର ରେଞ୍ଜର ବନ ବିହାରୀ ସର୍ଦ୍ଦାର, ଫରେଷ୍ଟର ପିଅନ ନାଏକ, ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା ର ଏନ୍ ସି ସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ର ସଂଯୋଜକ ବେଣୁଧର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ପଲେଇ, ପିତାମ୍ବର ପଲେଇ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେବା ସହ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମୋ' ସ୍କୁଲ କମିଟିର ସଦସ୍ୟ ମାନଙ୍କୁ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ସାହୁଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ରାମେଶ୍ୱର ବାରିକ୍,ପ୍ରଫୁଲ୍ଲ କୁମାର ଜେନା, ଶିକ୍ଷୟିତ୍ରୀ ବୈଜୟନ୍ତୀ ବେହେରା,ଇପସିତା ପରମାଣିକ୍ ସହଯୋଗୀ ଶିକ୍ଷକ ବିଚିନ୍ଦ୍ର ସାହୁ,ତ୍ରିଲୋଚନ ବାରିକ୍ ପ୍ରମୁଖ ପରିଚାଳନା କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।ଶେଷରେ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ, ନାଚ ଓ ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପାଟଣା,(ନି.ପ୍ର) :** ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ମେଧାବୀ ଛାତ୍ର ଆଦିତ୍ୟ ନାରାୟଣ ପଣ୍ଡା ଓ ଛାତ୍ରୀ ଶୁଭଶ୍ରୀ ତ୍ରିପାଠୀ ପଞ୍ଚମ ମେଧାବୃତ୍ତି ପାଇ ବିଦ୍ୟାଳୟ ର ଗୌରବ ବୃଦ୍ଧି କରିଥିବାରୁ ଉଭୟଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କମଳାକାନ୍ତ ପତି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିର୍ମୟ ତ୍ରିପାଠୀ ,ସହକାରୀ ଶିକ୍ଷକ



ଯୁଗଜ୍ୟୋତି ମହାନ୍ତ, ମାଧବାନନ୍ଦ ମହାନ୍ତ, ପ୍ରକାଶ କୁମାର ମିଶ୍ର, ସସ୍ମିତା ନାୟକ ଓ ଶୋଭାଗିନୀ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଉଭୟ ଛାତ୍ରଛାତ୍ରୀ ଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ

**ଶେରଗଡ,(ନି.ପ୍ର) :** ଶେରଗଡ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ବିଧାୟକ ଙ୍କ ପ୍ରତିନିଧି ଦିଗାମ୍ବର ନାହାକ ଓ ସ୍ଥାନୀୟ ବ୍ଲକ ବିଜେଡି ସଭାପତି ଶରତ ପାତ୍ର ଙ୍କ ମିଳିତ ନେଇ କର୍ମୀ ମାନେ ଏକ ରାଲି ରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚି ଥିଲେ। ବିଜୁ ବାବୁ ଙ୍କ ଜୟନ୍ତୀ ପାଳନ ସମୟରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ଉପାଧ୍ୟକ୍ଷା ଙ୍କ



ନେତୃତ୍ୱରେ ଶେରଗଡ ଚାରି ଛକଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଜି ସକାଳେ ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରି ବିଜୁ ବାବୁ ଅମର ରହେ ଧ୍ୱନି ରେ ପ୍ରକମ୍ପିତ ହୋଇଥିଲା ଚାରି ଛକ। ଏହି ଅବସରରେ ଦଳୀୟ ନେତୃବୃନ୍ଦ ବିଜୁ ବାବୁ ଙ୍କ ବୀରତ୍ୱର ଗାଥା କୁ ଉପସ୍ଥିତ ଜନସାଧାରଣ ଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ବିଜୁ ବାବୁଙ୍କ ବିଭିନ୍ନ ବାର୍ତ୍ତା କୁ ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସିମାଞ୍ଚଳ ପ୍ରଧାନ, ଶେରଗଡ ବ୍ଲକ ଆମ୍ବା ର ଅଧ୍ୟକ୍ଷ ରଞ୍ଜନ କୁମାର ସେଠି, ପୂର୍ବତନ ସରପଞ୍ଚ ମେଘନାଦ ଦାସ,ଦୁର୍ଗା ମାଧବ ବିଷୋୟୀ, ବରିଷ୍ଠ ନେତା ସମୀର ପ୍ରଧାନ, ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଛାତ୍ର ବିଜେଡି ଉପସଭାପତି ଦିବାକର ପଟ୍ଟନାୟକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ରୁଙ୍ଗଟା ପକ୍ଷରୁ ନୂତନ ପ୍ରକଳ୍ପର ଲୋକାର୍ପଣ

**କୋଇଡ଼ା,(ନି.ପ୍ର) :** ମାଇନିଙ୍ଗ ସେକଟର ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ଅଡ଼ାଘାଟ ଲୌହଖଣି ତରଫରୁ (oudyagika) ସାମାଜିକ ଦାୟିତ୍ୱ ବୋଧ ଯୋଜନାରେ ବିଭିନ୍ନ ଉର୍ଣ୍ଣୟନ ମୂଳକ କାର୍ଯ୍ୟ କରାଯାଇଛି । ଅଡ଼ାଘାଟ ଗ୍ରାମରେ ଗମନା ଗମନର ସୁଭିଧା ପାଇଁ କଂକ୍ରିଟ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ ଓ ସ୍ୱଛତା କୁ ଆଖି ଆଗରେ ରଖି ଅଡ଼ାଘାଟ ଗ୍ରାମରେ ଥିବା ଗାଧୁଆ ତୁଠର ମରାମତି ସହିତ ଲୁଗା ବଦଳାଇବା ଗୃହର ନିର୍ମାଣ (changing room) ସହିତ ଗୋପସାହି ଗ୍ରାମରେ ନୂତନ ଭାବେ ଗାଧୁଆ ତୁଠ ସହିତ ଲୁଗା ବଦଳାଇବା ଗୃହର ନିର୍ମାଣ କରାଯାଇଛି । ଏହା ସହିତ ଅଡ଼ାଘାଟ ଗ୍ରାମରେ ଥିବା କ୍ଲବର ଛାତକୁ ଭଙ୍ଗା ଯାଇ ନୂତନ ଭାବେ ଛାତ ପକା କାର୍ଯ୍ୟ ଜାରି ରହିଛି । ଏବଂ ସାମାଜିକ ଓ ସାଂସ୍କୃତିକ ମଣ୍ଡପର (pcc )ପଲସ୍ତରା କାର୍ଯ୍ୟ କରାଯାଇଛି । ଓ ଶିକ୍ଷାର ବିକାଶ ପାଇଁ ଅଡ଼ାଘାଟ ବିଦ୍ୟାଳୟ ପ୍ରାଙ୍ଗଣରେ (pcc) ପଲସ୍ତରା କରାଯାଇଛି, ପାଇପ ଲାଇନ ଜରିଆରେ ଅଡ଼ାଘାଟ, ଗୋପିସାହି ଓ ଜଡ଼ିପଦା ଗ୍ରାମକୁ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି । ଏହା ସହିତ ଜଡ଼ିପଦାରେ ଏକ ନୂତନ cammunti center ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହା ସହିତ ମାଳଦା, ଚୋର ମାଳଦା ଓ କାକର ପାଣି ଗ୍ରାମରେ ନୂତନ ବୋରିଂ ସହିତ ପାଇପ ଲାଇନ ଜରିଆରେ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି । ଏବଂ ଚୋରମାଳଦା ଗ୍ରାମରେ Hume pipe culvent ସହିତ ରାସ୍ତା ଓ ପୂଜାମଣ୍ଡପ ପ୍ରଭୃତି କାର୍ଯ୍ୟ କରାଯାଇଛି । ଏହା ସହିତ ସରକାରୀ ଉଚ୍ଚବାଳିକା ବିଦ୍ୟାଳୟ ବଡ଼ବିଲ ଠାରେ ବୋରିଂ କରାଯାଇ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ଓ St, marys ବିଦ୍ୟାଳୟ ବଡ଼ବିଲରେ canteen ନିର୍ମାଣ ସହିତ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ଏବଂ ସନ୍ଥବାହାଲ ପିଏଚଡି କଲୋନୀ ସାମାଜିକ ଓ ସାଂସ୍କୃତିକ ମଣ୍ଡପର ପ୍ରାଚୀର ନିର୍ମାଣ କାର୍ଯ୍ୟ କରାଯାଇଛି । ପୂର୍ବରୁ ମଧ୍ୟ ଗ୍ରାମାଞ୍ଚଳରେ ଅଡ଼ାଘାଟ ଖଣି ତରଫରୁ ବିଭିନ୍ନ ଉର୍ନୟନ ମୂଳକ କାର୍ଯ୍ୟ କରାଯାଇଛି । ଅଡ଼ାଘାଟ ଗ୍ରାମରେ ଏକ ସଭାର ଆୟୋଜନ



କରାଯାଇ ଉକ୍ତ ପ୍ରକଳ୍ପ ଗୁଡ଼ିକୁ ହସ୍ତାନ୍ତର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଡ଼ାଘାଟ ଲୌହ ଖଣି ତରଫରୁ ଖଣି ପରିଚାଳକ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ପ୍ରଧାନ, ଅଞ୍ଜନ କୁମାର ଲେଙ୍କା, ସମୀ ରଞ୍ଜନ ଦାସ, ତାପସ କୁମାର ରାୟ, ଜୋତିରଞ୍ଜନ ଯେନା, ରାମେଶ୍ୱର ପାଇକରାୟ, ଏସ ଏସ ସାହୁ,ସୁରେନ୍ଦ୍ର କୁମାର ଯୋଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କମ୍ପାନୀର ଏହି ଉର୍ନ୍ନତି ମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରଂଶସା କରାଯାଇଥିଲା ।

# ମା' ଭଗବତୀଙ୍କ ପୀଠରେ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

**ବାଲକାଟି,(ନି.ପ୍ର) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ପଞ୍ଚାୟତ ରଥିଜେମା ମା ଭଗବତୀଙ୍କ ପୀଠ ନିକଟରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ତାହା ସହିତ ବାଲକାଟି ଗୋଷ୍ଠି ସ୍ୱାସ୍ଥ୍ଯ କେନ୍ଦ୍ର,ବେଣୁପୁର -ଭିଙ୍ଗାରପୁର ଓ ସରକଣା ପ୍ରାଥମିକ ସ୍ୱାସ୍ଥ୍ଯ କେନ୍ଦ୍ର ସମେତ ଉପସ୍ୱାସ୍ଥ୍ଯ କେନ୍ଦ୍ରରେ ସୁବିଧା ଉପଲବ୍ଧ ହୋଇଛି । ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତଜନିତ ଚିକିତ୍ସା କକ୍ଷ ଖୋଲାଯାଇଛି । ସ୍ୱାସ୍ଥ୍ୟ ଅଧିକାରୀ ଡଃ ତନ୍ମୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବାଲକାଟି ଓ ତିନି ଉପସ୍ୱାସ୍ଥ୍ୟକେନ୍ଦ୍ର ବେଣୁପୁର ଭିଙ୍ଗାରପୁର ଓ ସରକଣାରେ



ଅଂଶୁଘାତଜନିତ କକ୍ଷ ଖୋଲାଯାଇଛି। ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉକ୍ତ କେନ୍ଦ୍ରକୁ ଶୁଭାରମ୍ଭ କରି ପ୍ରଥମ ଦିବସରେ ଲୋକମାନଙ୍କୁ ଦହିସର୍ବତ ନିଜସ୍ୱ ପକ୍ଷରୁ ପ୍ରଦାନ କରିଥିଲେ। ଖରାତାପ ଲକ୍ଷ୍ୟ ରଖି ଆସନ୍ତା ଜୁନ ମାସ ଶେଷ ପର୍ଯ୍ୟନ୍ତ ଜଳଛତ୍ର କେନ୍ଦ୍ର ଖୋଲା ରହିବ। ମାଟିପାତ୍ରରେ ଥ?ିବା କ୍ଲୋରିନଯୁକ୍ତ ବିଶୁଦ୍ଧ ଥଣ୍ଡା ପାଣି ପାଇପାରିବେ। ଏହାସହିତ ଓଆରଏସ ପାଉଡର ଓ ଅନ୍ୟ ବଟିକା ମହଜୁଦ ରଖାଯାଇଛି । ଉଦଘାଟନ ଉତ୍ସବରେ ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ସେଠୀ, ସୁପରଭାଇଜର ରାଜେନ୍ଦ୍ର ମଲ୍ଲିକ, ମହିଳା ସୁପରଭାଇଜର ଟୁନି ସେଠୀ, ସ୍ୱାସ୍ଥ୍ୟ କର୍ମୀ ଦେବେସ ଜେନା, ଗୀତାଞ୍ଜଳି ଆଶାକର୍ମୀ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୪୫ ସ୍ଥାନରେ କେନ୍ଦ୍ର ଖୋଲିଥିବାବେଳେ ସମୁଦାୟ ୮୯ ସ୍ଥାନରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯିବ ବୋଲି ଜଣାପଡ଼ିଛି।

# ଶ୍ରମିକଙ୍କ ଝୁଲନ୍ତା ଶବ ଉଦ୍ଧାର



**ବଲାଙ୍ଗିର,(ନି.ପ୍ର) :** ଜିଲ୍ଲା ଲରମ୍ବା ଥାନା ଅନ୍ତର୍ଗତ ଖୋଲାଗଡ ଗ୍ରାମରେ ନିର୍ମାଣାଧୀନ ପାଣି ଟାଙ୍କିରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ଝୁଲନ୍ତା ଶବ ସ୍ଥାନୀୟ ଅଞ୍ଚଳରେ ଚଞ୍ଚଲ୍ୟକର ବାତାବରଣ ସୃଷ୍ଟି କରିଛି। ମୃତ ଶ୍ରମିକ ଜଣକ ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ଜମୁପାଟଣା ଗ୍ରାମର ୨୧ ବର୍ଷୀୟ କୃଷ ପଲେଇ ବୋଲି ଜଣାପଡିଛି। ସୂଚନା ମୁତାବକ ଗତ ୨ ମାସରୁ ସେ ବସୁଧା ଯୋଜନାରେ ନିର୍ମାଣ ହେଉଥିବା ପାଣି ଟାଙ୍କିରେ କାର୍ଯ୍ୟରତ ଥିଲେ କିନ୍ତୁ ଆଜି ସକାଳେ ଏହି ପାଣି ଟାଙ୍କିରେ ବେକରେ ଗାମୁଛା ଲଗେଇ ଝୁଲନ୍ତା ଅବସ୍ଥାରେ ଜୀବନ ଯାଇଥିବା ଦେଖିବାକୁ ମିଳିଛି । ଏହା ଆତ୍ମହତ୍ୟା ନା ହତ୍ୟା ମୃତ୍ୟୁ ପଛର କାରଣ ଅପଷ୍ଟ ଥିବା ପ୍ରକାଶ ପାଇଛି। ଘଟଣା ସ୍ଥଳରେ ଲରମ୍ବା ଥାନା ଅଧିକାରୀ ଏବଂ ତାଙ୍କ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଥିବା ପ୍ରକାଶ ପାଇଛି। ଘଟଣା ସ୍ଥଳରେ ମୃତକଙ୍କ ବାପା, ଭାଇ ଓ ଆତ୍ମୀୟ ମାନଙ୍କ ନିଜ ପୁଅର ଗୁଣକୁ ବଖାଣି କ୍ରନ୍ଦନ କରୁଥିବାର ଦୃଶ୍ୟ ହୃଦୟକୁ ମର୍ମାହତ କରିଛି। ଏହି କାର୍ଯ୍ୟ ଟି ଆମ୍ରିନ ବାନୁଙ୍କ ନାମରେ ଥିବାବେଳେ ତାଙ୍କ ସ୍ୱାମୀ ମହମ୍ମଦ ଇଯାଜ କାର୍ଯ୍ୟ ତଦାରଖ କରୁଥିଲେ। ସେମାନଙ୍କୁ ଯୋଗାଯୋଗ କରାଯାଇ ଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳି ନ ଥିବା ପ୍ରକାଶ ପାଇଛି।

# ପଞ୍ଚାୟତସ୍ତରୀୟ ସୁଭଦ୍ରା ସଚେତନତା

**ନନ୍ଦପୁର,(ନି.ପ୍ର) :** ନନ୍ଦପୁର ପଞ୍ଚାୟତ ସ୍ତରୀୟ ସୁଭଦ୍ରା ସଚେତନତା ଶୋଭାଯାତ୍ରା ବ୍ଲକ ର ସମସ୍ତ ୨୩ ଟି ପଞ୍ଚାୟତରେ ସୁଭଦ୍ରା ଯୋଜନା ର ଦ୍ୱିତୀୟ କିସ୍ତି ଆସନ୍ତା ୦୮ ତାରିଖ ବିଶ୍ୱ ମହିଳା ଦିବସ ଉପଲକ୍ଷେ ସମସ୍ତ ମହିଳା ଙ୍କୁ ପ୍ରଦାନ କରାଯିବ । ଏନେଇ ଆଜି ଏକ ସଚେତନତା



ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବାହାରି ନନ୍ଦପୁର ସଦର ମହକୁମା ପରିକ୍ରମା କରି ନନ୍ଦପୁର ବ୍ଲକ ଅଫିସ ପର୍ଯ୍ୟନ୍ତ ଆସିଥିଲା। ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ହେଲା, ଆଗାମୀ ୮ତାରିଖ ରେ ଆନ୍ତର୍ଜାତିକ ମହିଳା ଦିବସ ରେ ଏହି ଯୋଜନା ର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଉଥିବା ପରିପ୍ରେକ୍ଷୀରେ ଲୋକ ଙ୍କୁ ବାର୍ତ୍ତା ପ୍ରଦାନ କରିବାକୁ ଏହି ରାଲି ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକର ସମସ୍ତ ପଞ୍ଚାୟତ ରେ ଆଜି ସୁଭଦ୍ରା ଯୋଜନା ର ଦ୍ୱିତୀୟ କିସ୍ତି ଟଙ୍କା ପାଇବାକୁ ନେଇ ରାଲି କରି ନାରୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତ ରେ ଅଙ୍ଗନବାଡି କର୍ମୀ ମାନେ ପ୍ଲାକାର୍ଡ ଧରି ସଚେତନ କରୁଥିବା ଦେଖିବାକୁ ମିଳିଛି। ଗୋଷ୍ଠି ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଜିପିଓ ଦ୍ୱୋନ୍ତ ମାଝି ପିଇଓ କମଲ ରାଓ ସ୍ମିଥ ସିଡିପିଓ ମିନତି ବାଳା ପଟ୍ଟନାୟକ ସରପଞ୍ଚ ସାଯେନ୍ତି କିର୍ସାନି ଥାନା ଅଧିକାରୀ ମମତା ପଣ୍ଡା ପ୍ରମଖ ଉପସ୍ଥିତ ଥିଲେ।

# ନୂତନ ଆଇନ ସମ୍ପର୍କିତ ସଚେତନତା

**ଦଶପଲ୍ଲା,(ନି.ପ୍ର) :** ଦଶପଲ୍ଲା ଥାନାଅଧିକାରୀଣୀ ଅନିତା ସାହୁ ଙ୍କ ତତ୍ତ୍ୱାବଧାନରେ ବ୍ଲକ ପରିସରରେ ସଭା ଗୃହରେ ନୂତନ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ଥାନା ଅଧିକାରୀଣୀ ଅନିତା ସାହୁ ଦଶପଲ୍ଲା ବ୍ଲକ ର ଅଧକ୍ଷ ସୁନନ୍ଦା ସାହୁ, ଆଇନଜୀବୀ ଦିଲ୍ଲୀପ କୁମାର ପଣ୍ଡା ମଞ୍ଚାସୀନ ଥିବା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ, ଲୋକପ୍ରତିନିଧି , ଦଶପଲ୍ଲା ଏନ୍ ଏ ସି ର କାଉନସିଲର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ନୂତନ ଭାବେ ପ୍ରଣୟନ ହୋଇଥିବା ଆଇନ ସମ୍ପର୍କରେ ଥାନା ଅଧିକାରୀ ଆଲୋଚନା କରିଥିଲେ । ନୂଆ




ଆଇନ ସମ୍ପର୍କରେ ସମସ୍ତେ ଜାଣିବା ନିହାତି ଆବଶ୍ୟକ ହୋଇଥିବାରୁ ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରିବା ଅବସରରେ ବ୍ଲକ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଥାନା ଅଧିକାରୀଣୀ ପ୍ରକାଶ କରିଥିଲେ । ବିଭିନ୍ନ ଆଇନ ସମ୍ପର୍କରେ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ କରି ଜନ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ପୋଲିସ ମାନଙ୍କୁ ସହଯୋଗ କଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଇନଜୀବୀ ଦିଲ୍ଲୀପ କୁମାର ପଣ୍ଡା ମତ ଦେଇଥିଲେ । ବିଭିନ୍ନ ଆଇନ ଓ ତାର କାର୍ଯ୍ୟଧାରା ସମ୍ପର୍କରେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ ବିସ୍ତୃତ ଆଲୋଚନା କରିଥିଲେ ।

# ଯୋଡ଼ାସାହି,ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ନୂଆଗାଁ,(ନି.ପ୍ର) :** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ତ ସମସ୍ତ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ,ଏହି ଅବସରରେ ଦୈତ୍ୟ କ୍ଲଷ୍ଟର ଡି ଏମ ନୋଡାଲ, ଦ୍ୱେଉଁଆବାରି ଏବଂ ଏସ.ଆର.କ୍ଲଷ୍ଟର,ବନ୍ତଳା ଅଧିନସ୍ତ ସମସ୍ତ ୨୧ ଟି ବିଦ୍ୟାଳୟ ରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳ ବାର ତା ୪/୩/ ୨୦୨୫ ରିଖ ଦିନ ଆନନ୍ଦ ଉଲ୍ଲାସ ର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର, ବନ୍ତଳା ର ସଂଯୋଜକ ବୀରକିଶୋର ବଳବନ୍ତ ସିଂ ତାଙ୍କ କାର୍ଯ୍ୟାଳୟ ଅଧିନସ୍ତ ସମସ୍ତ ୨୧ ଟି ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ବେଳେ, ସାଙ୍ଗାରପଲ୍ଲୀ ପଞ୍ଚାୟତ ର ଯୋଡ଼ାସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ଯୋଗଦେଇ ବିଦ୍ୟାଳୟ ଛାତ୍ର ଛାତ୍ରୀ ଙ୍କୁ ବାର୍ଷିକ ଉତ୍ସବ ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୋଡ଼ାସାହି ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ତ୍ରିନାଥ ସାହୁ ଙ୍କ ସମେତ ଗ୍ରାମ ସଭାପତି ମୁରଲୀଧର ସାହୁ , ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷ କୃଷ୍ଣଚନ୍ଦ୍ର ସାହୁ ଏବଂ ବନ୍ତଳା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ,ଶ୍ରୀଯୁକ୍ତ ବଳବନ୍ତସିଂ ଉପସ୍ଥିତ ରହି ବିଦ୍ୟାଳୟ ମାନଙ୍କରେ ପାଳନ କରାଯାଉଥିବା , ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ସହକାରୀ ଶିକ୍ଷକ ଭଜକୃଷ୍ଣ ସାହୁ ପରିଚାଳନା କରିଥିଲେ। ଏଥି ଉତ୍ସବ ରେ ଅନ୍ୟାନ୍ୟ ଅତିଥି, ୱାର୍ଡ ସଭ୍ୟ ବାସୁଦେବ ନାୟକ,ଗୋବିନ୍ଦ ନାୟକ, ଜଗନ୍ନାଥ ନାୟକ, ଜଳନ୍ଧର ଧଳ ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପସ୍ଥିତ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଉତ୍ସାହର ସହ ଉପଭୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମସ୍ତ ଙ୍କ ପାଇଁ ସୁସ୍ୱାଦୁ ବ୍ୟଞ୍ଜନ ର ବ୍ୟବସ୍ଥା କରାଯାଇଥିଲା।

# କୁହୁଡ଼ିରେ ସୁଭଦ୍ରା ଶୋଭାଯାତ୍ରା

**କୁହୁଡ଼ି,ଟାଙ୍ଗୀ,(ନି.ପ୍ର) :** ରାଜ୍ୟ ସରକାରଙ୍କ ବହୁ ପ୍ରତିକ୍ଷୀତ 'ସୁଭଦ୍ରା ଯୋଜନା' ସଫଳତାର ସହିତ କାର୍ଯ୍ୟକାରୀ ହୋଇଥିବା ବେଳେ ରାଜ୍ୟର ପ୍ରତ୍ୟେକ ମହିଳା ମାନେ କିଭଳି ଭାବେ ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ତତ୍ପରତା ଦେଖାଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ଗ୍ରାମପଞ୍ଚାୟତ ଠାରେ 'ସୁଭଦ୍ରା' ଶୋଭାଯାତ୍ରା ରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ଆଶା କର୍ମୀମାନେ, ଅଙ୍ଗନୱାଡ଼ି କର୍ମୀ, ପଞ୍ଚାୟତର ୱାର୍ଡ ସଭ୍ୟା ସଭ୍ୟମାନେ ଏହି ଶୋଭାଯାତ୍ରାରେ ସାହି ସାହି ବୁଲି ସରକାରଙ୍କ 'ସୁଭଦ୍ରା' ଯୋଜନାର ସଫଳତା ଜନସାଧାରଣ ମାନଙ୍କୁ ଜଣାଇଥିଲେ । ଏହି ଜନସଚେତନ ଶୋଭାଯାତ୍ରା କାର୍ଯ୍ୟକ୍ରମରେ କୁହୁଡି ସରପଞ୍ଚ ପ୍ରିୟମ୍ବଦା ବେହେରା, ସରପଞ୍ଚ ପ୍ରତିନିଧି ଜୟଦେବ ବେହେରା, ତାରା ସାଶମଲ, ଏଡିଇଓ , ପିଇଓ, ମିଶନ ଶକ୍ତି ସଂଯୋଜକ ଓ ସମସ୍ତ ୱାର୍ଡର ୱାର୍ଡ ମେମ୍ବର ମାନେ ଉପସ୍ଥିତ ରହି ଏହି ଶୋଭାଯାତ୍ରାକୁ ସଫଳ କରାଇଥିଲେ ।



# ଗ୍ରୀଷ୍ମ ପ୍ରବାହ ମୁକାବିଲାକୁ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି



**ଛତ୍ରପୁର,(ନି.ପ୍ର) :** ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କୁ ସତର୍କ ରହିବା ଓ ଅଂଶୁଘାତ ଜନିତ ସୁରକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଅବଗତ କରାଇଥିଲେଯେ, ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅତ୍ୟଧିକ ଗରମ ଅନୁଭୂତ ହେବାର ସମ୍ଭାବନା ରହିଛି। ଏଣୁକରି ଜିଲ୍ଲାବାସୀଙ୍କୁ ସୁରକ୍ଷା ଦେବା ସହ ପ୍ରଶାସନ ପକ୍ଷରୁ ସମସ୍ତ ଆଶୁ ପଦକ୍ଷେପ ପୂର୍ବରୁ ଗ୍ରହଣ କରିବାକୁ ହେବ। ଏଥି ନିମନ୍ତେ ସମସ୍ତ ଲାଇନ୍ ବିଭାଗୀୟ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ପୂର୍ବ ପ୍ରସ୍ତୁତି କରି ସଜାଗ ରହିବାର ଆବଶ୍ୟକତା ରହିଛି । ବର୍ତ୍ତମାନ ଠାରୁ ଜଳକ୍ଲିଷ୍ଟ ଅଞ୍ଚଳ ଗୁଡିକ ଚିହ୍ନଟ କରି ଜଳ ଯୋଗାଣର ବ୍ୟବସ୍ଥା, ଚିକିତ୍ସାଳୟ ଗୁଡିକରେ ଅଂଶୁଘାତ ଜନିତ ଚିକିତ୍ସା ସକାଶେ ସମସ୍ତ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଜଳଛତ୍ର କେନ୍ଦ୍ର ଖୋଲିବାକୁ ପରାମର୍ଶ ଦେଇଛନ୍ତି । ସହରାଞ୍ଚଳ ଗୁଡିକରେ ପ୍ରତି ଦେଢଶହ ମିଟର ଦୂରତାରେ ଗୋଟିଏ ଲେଖାଏଁ ଜଳଛତ୍ର ଖୋଲିବାକୁ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ଦେଇଥିଲେ । ପଶୁପକ୍ଷୀ ମାନେ ଯେପରି ପିଇବା ପାଇଁ ଜଳ ପାଇବେ ସେଥି ନିମନ୍ତେ ମଧ୍ୟ ବ୍ୟବସ୍ଥା କରିବାକୁ କହିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି ବୈଠକରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ସକାଶେ ବିଭିନ୍ନ କାର୍ଯ୍ୟଧାରା ଗୁଡିକ ସମ୍ପର୍କରେ ଅବଗତ କରାଇ ସମସ୍ତ ବିଭାଗ ତରଫରୁ ପୂର୍ବ ପ୍ରସ୍ତୁତି କିଭଳି କରାଯାଇଛି ସେ ସମ୍ପର୍କରେ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଥିବାବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି । ତେଣୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ପ୍ରସ୍ତୁତ କରି ରଖିବା ସହିତ ଜିଲ୍ଲାର ବିଭିନ୍ନ ସିଏଚସି, ପିଏଚସି ରେ ମଧ୍ୟ ଅଂଶୁଘାତ ଜନିତ ଚିକିତ୍ସା କରିବା ନିମନ୍ତେ ଆଗୁଆ ପ୍ରସ୍ତୁତି କରିବାକୁ ଜଣାଇଥିଲେ । ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ,ଏନ୍ ?ଏସି ପକ୍ଷରୁ ଜଳଛତ୍ର ମାନ ଖୋଲାଯିବାକୁ ମଧ୍ୟ ଆଲୋଚନା ହୋଇଛି। ଜିଲ୍ଲାର ସମସ୍ତ ଦର୍ଶନୀୟ ସ୍ଥାନ ଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବ କ୍ଷ ଆବଶ୍ୟକ ସ୍ଥଳେ ଦୁର୍ଗମ ଅଞ୍ଚଳରେ ରହିଥିବା ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି କ୍ଷ ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବାବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଶ୍ରମିକଗଣ ଦିନ ୧୧ ଘ. ଠାରୁ ଅପରାହ୍ନ ୩ ଘ. ପର୍ଯ୍ୟନ୍ତ ଶ୍ରମଦାନ ନକରି ବିଶ୍ରାମ ନେବାକୁ ଶ୍ରମ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ସମ୍ପର୍କରେ ଅବଗତ କରିବା ପାଇଁ କୁହାଯାଇଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଦିନ ସାଢେ ଦଶଟା ପରେ ଶାରିରୀକ କ୍ରିୟାକଳାପ ନ କରାଇବା ପାଇଁ ଜିଲ୍ଲାପାଳ ଶ୍ରୀ ପରିଡା ଗୁରୁତ୍ୱାରୋପ କରିଥିଲେ । ଗ୍ରୀଷ୍ମ ଦିନେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ଦେଖା ନଯାଏ, ବିଦ୍ୟୁତ ଯୋଗାଣରେ ଯେପରି ବାଧା ଉପୁଜିବ ନାହିଁ ସେ ଦିଗରେ ଆଗୁଆ ପଦକ୍ଷେପ ନେବାକୁ କୁହାଯାଇଛି । ପଶୁ ମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ଘଟେ, ତେବେ ତୁରନ୍ତ ପୋଷ୍ଟମର୍ଟମ୍ ରିପୋର୍ଟ ଓ ଏଫ୍.ଆଇ.ଆର. ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଦୀନା ଦସ୍ତଗୀର, ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶୀଷ ବରାଡ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଭିଷେକ ସାହୁଙ୍କ ସମେତ ଚିକିତ୍ସା ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଲାଇନ ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ ସୁଭଦ୍ରା ସଚେତନତା ଶୋଭାଯାତ୍ରା

**ଶେରଗଡ,(ନି.ପ୍ର) :** ଶେରଗଡ ବ୍ଲକ ର ସମସ୍ତ ୨୨ ଟି ପଞ୍ଚାୟତରେ ସୁଭଦ୍ରା ଯୋଜନା ର ଦ୍ୱିତୀୟ କିସ୍ତି ଆସନ୍ତା ୦୮ ତାରିଖ ବିଶ୍ୱ ମହିଳା ଦିବସ ଉପଲକ୍ଷେ ସମସ୍ତ ମହିଳା ଙ୍କୁ ପ୍ରଦାନ କରାଯିବ । ଏନେଇ ଆଜି ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ଶେରଗଡ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବାହାରି ଶେରଗଡ ସହର ପରିକ୍ରମା କରି ଚାରି ଛକ ପର୍ଯ୍ୟନ୍ତ ଆସିଥିଲା। ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ହେଲା, ଆଗାମୀ ୦୮ ତାରିଖ ରେ ଆନ୍ତର୍ଜାତିକ ମହିଳା ଦିବସ ରେ ଏହି ଯୋଜନା ର



ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଉଥିବା ପରିପ୍ରେକ୍ଷୀରେ ଲୋକ ଙ୍କୁ ବାର୍ତ୍ତା ପ୍ରଦାନ କରିବାକୁ ଏହି ରାଲି ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକର ସମସ୍ତ ପଞ୍ଚାୟତ ରେ ଆଜି ସୁଭଦ୍ରା ଯୋଜନା ର ଦ୍ୱିତୀୟ କିସ୍ତି ଟଙ୍କା ପାଇବାକୁ ନେଇ ରାଲି କରି ନାରୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତ ରେ ଅଙ୍ଗନବାଡି କର୍ମୀ ମାନେ ପ୍ଲାକାର୍ଡ ଧରି ସଚେତନ କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସିଡିପିଓ ମମତାଞ୍ଜଳି ପଣ୍ଡା ପ୍ରତ୍ୟେକ ପଞ୍ଚାୟତ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ସମସ୍ତ ସହକର୍ମୀ ମାନଙ୍କୁ ଉତ୍ସାହିତ କରିଥିବା ଦେଖିବାକୁ ମିଳିଛି।

# ନୂତନ ଆଇନ୍ ସଚେତନତା କାର୍ଯ୍ୟକ୍ରମ



**ନୂଆଗାଁ ବ୍ଲକ,(ନି.ପ୍ର) :** ଆଜି ନୂଆଗାଁ ବ୍ଲକ ସଭାଗୃହରେ ନୂଆଗାଁ ପୁଲିସ ପକ୍ଷରୁ ଏକଦିବସୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ପ୍ରଣୟନ ହୋଇଥିବା ବିଏନଏସ, ବିଏନଏସ, ବିଏସଏ, କମ୍ୟୁନିଟି ପଲିସି ବାବଦରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ନୂତନ ଆଇନ୍ ଦ୍ୱାରା କିଭଳି ଭାବେ ନାଗରିକ ମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀକୁ ଦଣ୍ଡ ବିଧାନ କରାଯିବା ବିଷୟରେ କୁହାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଅତିରିକ୍ତ ତହସିଲଦାର କବିରାଜ ସେଠୀ, ଏବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ, ଜିପିଡିଓ ଲାଲବାହାଦୂର ରଞ୍ଜିତ, ସିଡିପିଓ ଶୁଭ୍ରକେଶୀ ମଲ୍ଲିକ, ନୂଆଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ମହିପୁର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ଅମାତ, ମନୋଜ କୁମାର ପାତ୍ରଙ୍କ ସମେତ ବିଭିନ୍ନ ପ୍ରାଶାସନିକ ଅଧିକାରୀ, ଜନପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ।

# ଆମ ପୋଲିସର ଜନସାଧାରଣଙ୍କ ସମ୍ପର୍କ ସମାବେଶ



**ରାମନାଗୁଡା,(ନି.ପ୍ର) :** ଥାନା ତରଫରୁ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିବା ପାଇଁ ଏକ ସମାବେଶ କରାଯାଇଥିଲା। ଥାନା ଅଧିକାରୀ ଶ୍ରୀମତୀ ସୁନିତା ବେହେରା ପୋଲିସ ର କାର୍ଯ୍ୟ କଣ ଏବଂ ଜନସାଧାରଣ କଣ ସୁବିଧା ପାଇପାରିବେ ସେହି ବିଷୟରେ ବୁଝାଇଥିଲେ। ସେକେଣ୍ଡ ଅଫିସର ଶ୍ରୀଯୁକ୍ତ ବାବୁଲା ପ୍ରଧାନ,ଏ ସାଇ ଜଗନ୍ନାଥ ବେହେରା, ଏସାଇ ଠାକୁର ଦାସ ଟୁଡୁ ଏବଂ ଏସାଇ ପୃଥିବୀରାଜ କହଁର ଏବଂ ରାମନାଗୁଡା ବ୍ଲକର ପ୍ରାୟ ୧୦୦ଜଣ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସମସ୍ତ ଜନସାଧାରଣଙ୍କୁ ପୋଲିସ ତରଫରୁ କିପରି ସୁବିଧା ମିଳିପାରିବ ତାହା ଆଲୋଚନା କରାଯାଇଥିଲା। ଶେଷରେ ଶ୍ରୀଯୁକ୍ତ ବାବୁଲା ପ୍ରଧାନ ଧନ୍ୟବାଦ ଜଣାଇ ସଭାସଙ୍ଗ କରାଗଲା।

# ମୋହନ ସରକାରଙ୍କର ଶୁଭ୍ରଦ୍ରା ଶୋଭାଯାତ୍ରା ପ୍ରଥପାନ୍ତ ରାଲି

**ଖୋର୍ଦ୍ଧା,(ନି.ପ୍ର) :** ଜିଲ୍ଲା ଚିଲିକା ବ୍ଲକ ଜରିପଡା ଗ୍ରାମପଂଚାୟତ ଅନ୍ତର୍ଗତ ଜରିପଡା, ଜଟିଆ ପାଟଣା, ବାଉଁଶ ମୂଳ, ବାଉଁଶ ସାହି, ରଘୁନାଥ ସାହି, ଦଳବେହେରା ଆଦି ଚିଲିକା ବ୍ଲକର ସମ୍ମନିତ ଶିଶୁ ବିକାଶ ଯୋଜନା ଅଧିକାରୀଣୀ ନେତୃତ୍ୱରେ ମୋହନ ସରକାରଙ୍କ ମହିଳା ମାନଙ୍କ ପାଇଁ ଆଣି ଥିବା ଶୁଭ୍ରଦ୍ରା ଯୋଜନା କିପରି ଶୁଭକାମନା ହୋଇଛି ଅଛି । ସେ ବିଷୟରେ ସାରା ଓଡିଶାରେ ପ୍ରତି ଗ୍ରାମପଂଚାୟତରେ ଅଞ୍ଚଳରେ ଶୁଭ୍ରଦ୍ରା ଶୋଭା ଯାତ୍ରା କରାଯାଇଅଛି । ଏହି



ଶୋଭାଯାତ୍ରାରେ ସମ୍ମନିତ ଶିଶୁ ବିକାଶ ଅଧିକାରିଣୀ ଅଞ୍ଜଳି ବାଲା ମଲିକି, ଜରିପଡା ସେକ୍ଟର ସୁପର ଭାଇଜର କନକଲତା କର, ଅଙ୍ଗନଓ୍ୱାଡି ମାନେ ଶାନ୍ତିଲତା ବେହେରା, ସୁଜାତା ପ୍ରଧାନ, ବୀଣାପାଣି ନାୟକ, ଶୁଶୁମା ସୁନ୍ଦରୀ ଦେଇ, ପ୍ରୀତିମଞ୍ଜରୀ ପାତ୍ର, ମମତା ଦାସ, କୁନିଲତା ଦେଇ, ଉଷାରାଣୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଉର୍ମିଳା ଘଡ଼ାଇ ସହ ଶୁଭ୍ରଦ୍ରା ଯୋଜନା ପାଇ ଥିବା ଅନେକ ମା, ଭଉଣୀ ମାନେ ଶୁଭ୍ରଦ୍ରା ଶୋଭାଯାତ୍ରା ରାଲି ଯୋଗ ଦେଇ ଗ୍ରାମ ପରିଦର୍ଶନ କରିଥିଲେ ।

# ନନ୍ଦପୁର ବ୍ଲକ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ



**ନନ୍ଦପୁର,(ନି.ପ୍ର) :** ନନ୍ଦପୁର ବ୍ଲକ ବିଜେଡି ପକ୍ଷରୁ ନନ୍ଦପୁର ଅମ୍ବେଦକର ଛକ ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ।୧୦୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଜି ସକାଳେ ବିଜୁ ବାବୁ ଙ୍କ ଫୋଟ ରେ ପୁଷ୍ପ ମାଲ୍ୟ ଅର୍ପଣ କରି ବିଜୁ ବାବୁ ଅମର ରହେ ଧ୍ୱନି ରେ ପ୍ରକମ୍ପିତ ହୋଇଥିଲା ନନ୍ଦପୁର ଅମ୍ବେଦକର ଛକ। ଏହି ଅବସରରେ ଦଳୀୟ ନେତୃବୃନ୍ଦ ବିଜୁ ବାବୁ ଙ୍କ ବୀରତ୍ୱର ଗାଥା କୁ ଉପସ୍ଥିତ ଜନସାଧାରଣ ଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ । ଏହି ଅବସର ରେ ନନ୍ଦପୁର ର ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, ରାମେଶ୍ୱର ଦୋରା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ଗୋପାଳ ବେବର୍ତ୍ତା,ପୁର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ, , କୁନି ପାଳି , ଯୁଧିଷ୍ଠିର ଖରା, ବିଜେଡ଼ି ବ୍ଲକ ସଭାପତି କାଶୀନାଥ, ମୋହନ ରାଓ ଶ୍ମିଥ ଓ ସରପଞ୍ଚ, ସମିତି ସଭ୍ୟ ମାନେ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସେହି ପରି ବାଞ୍ଜଲାପୁଟ ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣ ରେ ମଧ୍ୟ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସର ରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଶଶି ପଟ୍ଟନାୟକ, ସୁରେଶ ପଟ୍ଟନାୟକ, ପଞ୍ଚାୟତ ସଭାପତି ଧନ ଖିଲ, ନାଏବ ସରପଙ୍କ ବୁଦୁ ପେଲମାଲ, ଏବଂ ବହୁ କର୍ମ କର୍ତ୍ତା ଯୋଗ ଦେଇଥିଲେ।

# ତାରାତାରିଣୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ
# ଯାତ୍ରା ଦିନ ମଦ ବିକିବା ମନା

**ପୁରୁଷୋତ୍ତମପୁର,(ନି.ପ୍ର) :** ବ୍ଲକ ଅନ୍ତର୍ଗତ ରାଇପୁର ପାହାଡ ଉପରେ ପୂଜା ପାଉଥିବା ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ତନ୍ତ୍ରପୀଠ ଓ ଇଷ୍ଟଦେବୀ ମା ତାରାତାରିଣୀଙ୍କ ଯାତ୍ରା ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଏହାକୁ ନେଇ କିପରି ଯାତ୍ରୀଙ୍କ ସୁବିଧାରେ ଦର୍ଶନ ଓ ମୁଣ୍ଡନ ହେବାକୁ ନେଇ ଏକ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇଜଣ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା, ମତ୍ସ୍ୟ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଚାରିଜଣ ବିଧାୟକ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ସହ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଗଞ୍ଜାମ ଏସ୍ପି ଶୁଭେନ୍ଦୁ ପାତ୍ର, ପୁରୁଷୋତ୍ତମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ପାତ୍ର, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଗୋବିନ୍ଦ ଜନସେନା ଯୋଗ ଦେଇଥିବା ବେଳେ ପ୍ରଶାସନିକ ଅଧିକାରୀ ଓ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପୂଜକ ବାପୁଜୀ ରଣା ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ। ଚଳିତ ବର୍ଷ ମାଙ୍କ ଚାରିଗୋଟି ମଙ୍ଗଳବାରରେ ଯାତ୍ରା ଅନୁଷ୍ଠିତ ହେବ। ଦେଶର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଲକ୍ଷ ରଖି ସୁବିଧାଜନକ ଭାବେ ଦର୍ଶନ, ଶାନ୍ତି ଶୃଙ୍ଖଳାରେ ମୁଣ୍ଡନ ହେବା ସହ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଭକ୍ତମାନଙ୍କ ପାଇଁ ପାନୀୟଜଳ ସୁବିଧା ଓ ଶାନ୍ତି ଶୃଙ୍ଖଳାରେ ଦର୍ଶନ ସକାଶେ ଆଲୋଚନା କରାଯାଇଥିଲା। ଯାତ୍ରୀମାନଙ୍କ ସୁବିଧା ପାଇଁ ୪୦ ଗୋଟି ସ୍ୱତନ୍ତ୍ର ବସକୁ ନିୟୋଜିତ କରିବା ସହ ବସ ଭଡା ୩୦ ଟଙ୍କା ଯିବା ଆସିବା ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିବା ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଲୋକୀକରଣ ସହ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଅଂଶୁଘାତ ଜନିତ ସମସ୍ୟାକୁ ମୁକାବିଲା କରିବା ପାଇଁ ସ୍ୱତନ୍ତ୍ର ଏସି ରୁମର ବ୍ୟବସ୍ଥା, ଯାତ୍ରା ସମୟରେ ମଦକୁ ବନ୍ଦ ରଖିବା ।

# ଜିଲ୍ଲାସ୍ତରରେ ଜୟନ୍ତି ଉତ୍ସବ ମହାସମାରୋହରେ ପାଳିତ

**ଛତ୍ରପୁର,(ନି.ପ୍ର) :** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୯ ତମ ଜୟନ୍ତୀ ସମାରୋହ ଗଞ୍ଜାମ ଜିଲ୍ଲା ସ୍ତରରେ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ମହକୁମା ଛତ୍ରପୁର ଠାରେ ଅବସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟ ।ଳୟ ସମ୍ମୁଖ ରେ ରହିଥିବା ମହାନ ଜନ ନାୟକ ପ୍ରବାଦ ପୁରୁଷଙ୍କର ପ୍ରତି ମୂର୍ତ୍ତିରେ ପୂର୍ବାହ୍ନରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏହି ପୁଷ୍ପ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମାନ୍ୟବର ବିଧାୟକ କେ. ଅନୀଲ କୁମାର , ଛତ୍ରପୁର ମାନ୍ୟବର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅଞ୍ଜଳୀ ସ୍ୱାଇଁ ,ଉପାଧ୍ୟକ୍ଷା ଏସ . ରାଜେଶ୍ୱରୀ ଦୋରା ,ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସର୍ମିଷ୍ଠା ପ୍ରଧାନ ,ଉପାଧ୍ୟକ୍ଷ ପାପା ରାଓ ,ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ,ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ,ଛତ୍ରପୁର ଉପଜିଲ୍ଲାପାଳ ଶିବାଶୀଷ ବରାଡ,ସହକାରୀ ଉପଜିଲ୍ଲାପାଳ ପାର୍ଥ ସାରଥି ହାନ୍ସଦା ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟାର୍ପଣ କରିଥିବା ବେଳେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ସହଯୋଗ କରିଥିବା ବେଳେ ଛତ୍ରପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସଂସ୍କୃତି ଭବନ ପରିସର ଠାରେ ସନ୍ଧ୍ୟା ସମୟରେ ଏକ ସାଧାରଣ ସଭା ଆୟୋଜନ ପୂର୍ବକ ପ୍ରବାଦ ପୁରୁଷ ,ଇଗଲ ଟାଡ ,ଜନନାୟକ ବିଜୁ ପଟ୍ଟନାୟକ ଙ୍କ ସ୍ମୃତି ଚାରଣ ସଭା ଆୟୋଜନ ହେବା ସହ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଜୁ ଜୟନ୍ତୀ ପାଳିତ

# ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଦେବାରେ କୁଣ୍ଠାବୋଧ କାହିଁକି ?



**ନୟାଗଡ,(ନି.ପ୍ର) :** ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବିଜୁ ବାବୁଙ୍କର ସାହସିକତା ଓ ଓଡିଶା ପ୍ରତି ତାଙ୍କର ଅବଦାନ ଉପରେ ଟିପ୍ପଣି ପ୍ରଦାନ କରିଥିଲେ। ବିଜୁ ବାବୁ ତ୍ରିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାକୁ ଆରମ୍ଭ କରିଥିଲେ । କଂଗ୍ରେସ ଦଳ ଠାରୁ ଆରମ୍ଭ କରି ସମସ୍ତ ଦଳ ମାର୍ଚ୍ଚ ୫ କୁ ବିଜୁ ବାବୁଙ୍କ ଜନ୍ମ ଦିବସ ତଥା ପଞ୍ଚାୟତ ରାଜ ଦିବସ ଭାବେ ସାରା ରାଜ୍ୟରେ ପାଳନ ହୋଇ ଆସୁଥିଲା। ଡବଲ ଇଞ୍ଜିନ ସରକାର ଆସିଲା ଦିନ ଠାରୁ ଆଜିର ଦିବସକୁ ପଞ୍ଚାୟତ ରାଜ ଦିବସ ଭାବେ ପାଳନ କରୁ ନଥିବାରୁ ଏଥି ନିମନ୍ତେ ସେ କ୍ଷୋଭ ପ୍ରକାଶ କରିଥିଲେ । ଏ ସରକାରକୁ ରାଜନୈତିକ ପାରାଲିସିସ୍ ହୋଇଛି । ସବୁ କ୍ଷେତ୍ରରେ ସ୍ଥାଣୁ ପାଲଟି ଯାଇଛନ୍ତି । ଗତ ଦୁଇ ମାସ ତଳେ ସରକାରୀ କ୍ୟାଲେଣ୍ଡରରେ ମାର୍ଚ୍ଚ ୫ କୁ ପଞ୍ଚାୟତି ରାଜ ଦିବସ ଭାବେ ପାଳନ କରିବାକୁ ସ୍ଥାନିତ କରିଥିଲେ । ହଠାତ କାହିଁକି ଏ ସରକାରର ମତ ବଦଳି ଗଲା ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି । ଏହା ସାଧାରଣରେ କ୍ଷୋଭ ସୃଷ୍ଟି କରିଛି । ଭାରତ ବର୍ଷର ମର୍ଯ୍ୟାଦା ପୁରୁଷ ହେଉଛନ୍ତି ବିଜୁ ବାବୁ। ତାଙ୍କ ମୃତ ପରେ ତିନୋଟି ଦେଶର ଜାତୀୟ ପତାକା ତାଙ୍କ ଶରୀର ଉପରେ ପଡିଥିଲା । ତାଙ୍କ ଜନ୍ମ ଦିବସକୁ ପଞ୍ଚାୟତି ରାଜ ଦିବସ ଭାବେ କଂଗ୍ରେସ ସରକାର ଥିବା ସମୟରେ ପାଳନ ହେଉଥିଲା । ଏ ସରକାରଙ୍କର ଦେବାଳିଆ ମସ୍ତିଷ୍କ । ଗୋଟିଏ କଥା କ୍ୟାଲେଣ୍ଡରରେ କହୁଛନ୍ତି । ଆଉ ଗୋଟିଏ କଥା କାମରେ କରୁଛନ୍ତି । ସମାଜର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଦେବାରେ କୁଣ୍ଠାବୋଧ କାହିଁକି । ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ସୁବାଷ ଚନ୍ଦ୍ର କଅଁର, ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ବ୍ଲକ ସଭାପତି ଅଜିତ ପ୍ରସାଦ ସାହୁ, ଯୁବ ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ସଭାପତି ନୀଳମାଧବ ପଣ୍ଡାଙ୍କ ସମେତ ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଏବଂ ବରିଷ୍ଠ ବିଜେଡି କର୍ମୀ ମାନେ ଉପସ୍ଥିତ ରହିଥିଲେ ।

# ବିଜେଡିର ବିଜୁ ଜୟନ୍ତୀ ମହା ଆଡମ୍ବରରେ ପାଳିତ



**ଗୋପାଳପୁର,(ନି.ପ୍ର) :** ଗୋପାଳପୁର ନିର୍ବାଚନ ମଣ୍ଡଳୀ ରେ ଆଜି ସ୍ୱର୍ଗତ ବିଜୁ ପଟନାୟକ ଙ୍କ ୧୦୯ ତମ ବିଜୁ ଜୟନ୍ତୀ ପାଳନ ହୋଇ ଯାଇଛି। ଆଜି ସକାଳ ଦଶ ଘଣ୍ଟା ସମୟ ରେ ଗୋପାଳପୁର ସ୍ଥିତ ବିଜୁ ପଟନାୟକ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇ ବିଜୁ ବାବୁ ଅମର ରହେ ନାରା ଦେଇ ଉପସ୍ଥିତ କର୍ମୀ ଏବଂ ବରିଷ୍ଠ ନେତା ମାନେ ବିଜୁ ବାବୁ ଙ୍କ ବୀର ଗାଥା ର ସ୍ମୃତି ଚାରଣ କରିଥିଲେ, ଏବଂ ମାର୍ଚ୍ଚ ପାଞ୍ଚ ତାରିଖ ରେ ପ୍ରତି ବର୍ଷ ପଞ୍ଚାୟତରାଜ ଦିବସ ପାଳନ ହୋଇ ଆସୁଥିବା ଏବଂ ଉକ୍ତ ଦିନ ସରକାରୀ ଛୁଟି ହେଉଥିବା ବେଳେ ଡବଲ ଇଂଜିନ ସରକାର ତାହା କିପରି ଏବଂ କେଉଁ ଆଧାର ରେ ପରିବର୍ତନ କଲେ ତାହାର ଦୃଢ ନିନ୍ଦା କରାଯିବା ସହ ଏହାର ପୁନରାବୃତ୍ତି ଯେମିତି ନ ହୁଏ ସେ ନେଇ ବରିଷ୍ଠ ନେତା ମାନେ କହିଥିଲେ। ଏହା ପରେ ପରେ ଗୋପାଳପୁର ସ୍ଥିତ ଜରା ନିବାସ କୁ ଯାଇ ଅନ୍ତେବାସୀ ମାନଙ୍କୁ ବସ୍ତ୍ର ସହ ଫଳ ବଣ୍ଟନ କରିଥିଲେ। ଆଜିର ଉକ୍ତ କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମଷ. ଦିଲେଶ୍ୱର ରେଡ଼ି, ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାସ, ବରିଷ୍ଠ ବିଜେଡି ନେତା ପ୍ରତାପ ଚନ୍ଦ୍ର କୋଠିଆ, ବରିଷ୍ଠ ସମାଜସେବୀ ରାମହରି ପାତ୍ର, ଏନ. ଏ. ସି ଅଧକ୍ଷ ଜାନକୀରାମ, ଜିଲ୍ଲା ପରିଷଦ ସଭ୍ୟ ଦୀପକ ସାମନ୍ତ, ଜିଲ୍ଲା ପରିଷଦ ଉପାଧାକ୍ଷା ରାଜେଶ୍ୱରୀ ଦୋରା,ହଳଦିଆ ପଦର ସରପଞ୍ଚ ଦଣ୍ଡପାଣି ବେହେରା, ସମିତି ସଭ୍ୟ ପ୍ରବୀଣ ମହାରାଜ, ବରିଷ୍ଠ ନେତା ଧର୍ମରାଜୁ ରେଡି ଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

# ବ୍ଲକ ଅଧକ୍ଷାଙ୍କ ବିରୁଦ୍ଧରେ ସାମ୍ବାଦିକଙ୍କ ଆନ୍ଦୋଳନ ଜାରୀ

- ସମର୍ଥନ ଦେଲେ ଜନପ୍ରତିନିଧି
- ବିଧାନସଭା ଘେରିବେ ଅସନ୍ତୁଷ୍ଟ ସାମ୍ବାଦିକ



**ବାଲିଅନ୍ତା,(ନି.ପ୍ର) :** ଜୟଦେବ ନିର୍ବାଚନ ମଣ୍ଡଳୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ମାନେ ଗତମାସ ୨୪ ତାରିଖରେ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସାମ୍ବାଦିକଙ୍କୁ ଅଧକ୍ଷାଙ୍କ ଦୁର୍ବ୍ୟବହାରରେ ବାଲିଅନ୍ତା ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଆଜକୁ ୯ ଦିନ ଧରି ଗଣତାନ୍ତ୍ରିକ ଉପାୟରେ ଶାନ୍ତିଶୃଙ୍ଖଳାର ସହ ଏହି ଧାରଣା ଅବ୍ୟାହତ ରହିଥିଲେ ମଧ ଜିଲ୍ଲା ପ୍ରଶାସନ ତରଫରୁ ସେମାନଙ୍କ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ବହୁ ବୁଦ୍ଧିଜୀବୀ ମାନେ ଚିନ୍ତା ପ୍ରକଟ କରିଛନ୍ତି।ପ୍ରଶାସନର ଏହି ମନୋବୃତିକୁ ଦୃଢ଼ ପ୍ରତିବାଦ କରି ଆଜି ସତ୍ୟଭମାପୁର୍ ସରପଞ୍ଚ ରଶ୍ମିତା ଭୋଇ, ସମିତିସଭ୍ୟା ରଶ୍ମିତା ସ୍ୱାଇଁ, ପୂରଣପ୍ରଧାନ ସମିତିସଭ୍ୟା ମମତା ମାହାରୀ, କାକରୁଦ୍ରପୁର୍ ସମିତିସଭ୍ୟା ମିଲିଲତା ବେହେରା, ଉମାଦେଇବ୍ରହ୍ମପୁର୍ ସରପଞ୍ଚ ରମାଲତା ନାୟକ ଓ ସମିତି ସଭ୍ୟ ରଞ୍ଜନ ମହାପାତ୍ର ଧାରଣାରେ ସାମିଲ ହୋଇଥିଲେ। ଆଜି କାର୍ଯ୍ୟକ୍ରମରେ ଟୁଇନ ସିଟି ପ୍ରେସ କ୍ଲବର ସଭାପତି ସନାତନ ପରିଡାଙ୍କ ସହିତ ଅନ୍ୟ କର୍ମକର୍ତ୍ତା ପ୍ରଣବ ବିଶ୍ୱାଳ ଓ ଭବାନୀ ପାତ୍ର ଯୋଗ ଦେଇଥିଲେ। ସେହିପରି ବିଡ଼ିଓ ଏବଂ ତହସିଲଦାର ସାମ୍ବାଦିକ ମାନଙ୍କ ସହିତ ଆଲୋଚନା କରି ଧାରଣା ପ୍ରତ୍ୟାହାର ପାଇଁ କହିଥିଲେ ମଧ ଏହା ସମ୍ମାନର ପ୍ରଶ୍ନ ହୋଇଥିବାରୁ ସାମ୍ବାଦିକ ମାନେ ଅଧକ୍ଷାଙ୍କ ଉପସ୍ଥିତି ଦାବି କରିଥିଲେ। ଆଜି ସେମାନେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବ ଓ ପଂଚାୟତରାଜ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି। ଆବଶ୍ୟକ ସ୍ଥଳେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହ ଆଗାମୀ ଦିନରେ ବିଧାନସଭା ଘେରିବେ ବୋଲି ଚେତାବନୀ ଦେଇଛନ୍ତି ଆସନ୍ତୁଷ୍ଟ ସାମ୍ବାଦିକ କ୍ଷ ଆଜିର ଏହି ଧାରଣାରେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଓଝା ଙ୍କ ନେତୃତ୍ୱ ରେ ଡ଼.ରଜନୀ ରଞ୍ଜନ ଦାଶ, ନିରଞ୍ଜନ ସେନାପତି, ସୂର୍ଯ୍ୟକାନ୍ତ ଭୋଳ,ପୀତବାସ ଦାଶ, ବିଭୁତି ପ୍ରଧାନ,ବଟକୃଷ୍ଣ ମହାପାତ୍ର,କିଶୋର ନାୟକ, ଲୁକେଶ ସାହୁ, ଗଦାଧର ଜେନା, ଷଷ୍ଠି ପ୍ରସାଦ ମହାରଣା, ପ୍ରଭାତେଂଶୁ ସାମନ୍ତରାୟ, ଆଶୁତୋଶ ଚୌଧୁରୀ, ପ୍ରଳୟ ଦାଶ, ଗୋବର୍ଦ୍ଧନ ଦାସ, ରୂପକ ପଟ୍ଟନାୟକ, ଗୁରୁବଚନ ଦାଶ, ନବକିଶୋର ନାୟକ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ପ୍ରମୁଖଙ୍କ ସହିତ ବହୁ ସାମ୍ବାଦିକ ଏଠାରେ ଉପସ୍ଥିତ ରହି ଦାବି ପୁରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତି ନେଇଛନ୍ତି।

## ଗୋତୋମୁଣ୍ଡା--ଡାହିମାଲ ରାସ୍ତା
# ନିର୍ମାଣକାରୀ ଠିକାସଂସ୍ଥାର ମାନମାନୀ ଅଭିଯୋଗ

**କଳାହାଣ୍ଡି,(ନି.ପ୍ର) :** କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ମଧ୍ୟରେ ଗମନାଗମନ କୁ ଦୃଷ୍ଟି ରେ ରଖି ପୂର୍ବତନ ରାଜ୍ୟ ସରକାରଙ୍କ ଦ୍ୱାରା କୋକସରା ବ୍ଲକ ଗୋତୋମୁଣ୍ଡା ଠାରୁ ଡାହିମାଲ ରାସ୍ତା ନିର୍ମାଣ ପାଇଁ ନବରଙ୍ଗପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ କୁ ରାସ୍ତା ନିର୍ମାଣ ଦାୟିତ୍ୱ ମିଳିଥିବା ବେଳେ ବିଭାଗୀୟ ଅଟକଳ ୭ କୋଟି ୫ ୧ ଲକ୍ଷ ୩୨ ହଜାର ୮୨୧ ଟଙ୍କା ବ୍ୟୟବରାଦ ରେ କାର୍ଯ୍ୟ ବିଗତ ୨ ବର୍ଷ ତଳେ ଆରମ୍ଭ ହୋଇଥିଲା। ରାସ୍ତା ନିର୍ମାଣ ହେଲେ ଅଞ୍ଚଳବାସୀ ଙ୍କ ଦିର୍ଘ ଦିନ ର ସ୍ୱପ୍ନ ସାକାର ହେବ,କାରଣ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲା ମଧରେ ରହିଛି ସାମାଜିକ ଭାଇଚାରା, ବ୍ୟବସାୟିକ, ଶିକ୍ଷା, ସ୍ୱାସ୍ଥ୍ୟ ର ସମ୍ପର୍କ ରହିଛି। କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଅଞ୍ଚଳବାସି ଦୈନନ୍ଦିନ ଜୀବନରେ ଉଭୟ ଜିଲ୍ଲା ର ଦୁଇ ପାର୍ଶ୍ୱରେ ଥିବା ଗ୍ରାମ ଗୁଡିକୁ ଯାତାୟାତ କରିଥାନ୍ତି।ନବରଙ୍ଗପୁର ଜିଲ୍ଲାର ଝରିଗାଁ, ଡ଼ାହିମାଲ, ଡାହିନୀଗୁଡା, ଭିତର କରମେଲି, ବାହାର କରମେଲି, ଚକଳା ପଦର, ତରବେଡା,ଚଚା,ଡାବୁଗାଁ, ଚନ୍ଦାହାଣ୍ଡି, ସହିତ କଳାହାଣ୍ଡି ଜିଲ୍ଲା ର ଗୋତୋମୁଣ୍ଡା, ସାନ ପୋଡ଼ାଗୁଡା, ଆମପାଣି, ଧର୍ମଗଡ଼ ଉପଖଣ୍ଡ ର ଦଣ୍ଡପାଟ ଅଞ୍ଚଳ ର ଅନେକ ଗ୍ରାମ ସହ ଦୀର୍ଘବର୍ଷ ହେବ ବନ୍ଧୁବାନ୍ଧବ ସମ୍ପର୍କ ସ୍ଥାପନ ରହିଛି। ପୂର୍ବ ସରକାରରେ ମନ୍ତ୍ରୀ ରହିଥିବା ନବରଙ୍ଗପୁର ଜିଲ୍ଲାର ରମେଶ ଚନ୍ଦ୍ର ମାଝୀ, କଳାହାଣ୍ଡି ଜିଲ୍ଲାର ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ ରାସ୍ତା ନିର୍ମାଣ ପାଇଁ ପୂର୍ବ ରାଜ୍ୟ ସରକାର ଙ୍କ ନିକଟରେ ପ୍ରସ୍ତାବ ଆଗତ କରିଥିଲେ।ଦୁଇ ଜିଲ୍ଲାର ଅଞ୍ଚଳବାସୀଙ୍କ ଗମନାଗମନ ପାଇଁ ଶେଷ ରେ ରାସ୍ତା ନିର୍ମାଣ ର ବାଟ ଫିଟିଥିଲା।ସାହାଜଖୋଲ ଜଙ୍ଗଲ ର ଛାତି ଚିରି ପ୍ରାୟ ୭/୮ କିମି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପାଦନ ପାଇଁ ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କୁ ଅନୁଦାନ ମିଳିଥିଲା। ପରେ ମୂଳ ଠିକାସଂସ୍ଥା ରୁ ଏକ ଛାୟା ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲେ। ରାସ୍ତା ନିର୍ମାଣ ଆରମ୍ଭ ରୁ ହିଁ ଠିକାସଂସ୍ଥା ଇଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ସମ୍ପାଦନ ନକରି ବିଭାଗୀୟ ଅଧିକାରୀ ଙ୍କୁ ଧରି ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ ସମେତ ଗୋତୋମୁଣ୍ଡା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ଧୂଳି ଉଡିବା ପାଇଁ ରାସ୍ତା ରେ ନିୟମିତ ପାଣି ସିଞ୍ଚନ କରିବା ନିୟମ ରହିଛି, କିନ୍ତୁ ଠିକାସଂସ୍ଥା ଆଦୌ ରାସ୍ତା ରେ ପାଣି ଦେଉନଥିବା ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ର ଡେଢ଼ ଲାଇନ ସରିଯାଇଥିବା ସ୍ଥଳେ ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ବର୍ତ୍ତମାନ ମଧ ଏହି ଧୂଳିମୟ ରାସ୍ତା ରେ ଦୈନନ୍ଦିନ ଶହ ଶହ ଗାଡିମୋଟର, ବାଇକ ଓ ପଥଚାରୀ ମାନେ ଯାତାୟାତ କରୁଛନ୍ତି। ତେବେ ଯାତାୟାତ ସମୟରେ ଧୂଳିଗୁଣ୍ଡ ରେ ଅତିଷ୍ଠ ହୋଇ ପଡୁଛନ୍ତି ଲୋକେ। ଏନେଇ ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ କୃଷ୍ଣା ପରି ଗମାଙ୍ଗ ଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।



# ସାଧୁ ଗୌରେଶ୍ୱର ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର ପାଠଚକ୍ର

**ଦଶରଥପୁର,(ନି.ପ୍ର) :** ଦଶରଥପୁର ବ୍ଲକ ଅନ୍ତର୍ଗତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ "Bridging the skill gap for sustainable business" ଶୀର୍ଷକ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିବା ସହିତ ପରିବର୍ତ୍ତିତ ବ୍ୟବସାୟର ଧାରା ଓ ଏହାର ସହନୀୟତା ନିମିତ୍ତ ଆବଶ୍ୟକୀୟ ଦକ୍ଷତା ବିକାଶ ଉପରେ ନିଜର ମତ ପ୍ରକାଶ କରିଥିଲେ। ଉକ୍ତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡିଶା ନଲେଜ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଡ଼. ମନୋରଞ୍ଜନ ପୁଥାଳ ଏବଂ ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଠାରେ ଅବସ୍ଥାପିତ ଟାଟା ଷ୍ଟିଲ ର ସିନିଅର ରେଜିଷ୍ଟ୍ରାର ଡ଼. ପ୍ରଶାନ୍ତ ଦାସ ଯୋଗଦେଇ ଦକ୍ଷତା ବିକାଶ, ଏହାର ଅନ୍ତରର କାରଣ, ନିରାକରଣ ଏବଂ ଏଥିରେ ବ୍ୟବସାୟ, ସରକାର, ଶିକ୍ଷାନୁଷ୍ଠାନ ର ଭୂମିକା ଇତ୍ୟାଦି ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ରୂପେ କଣ୍ଟା ବଣିଆ, ଯାଜପୁର ରେ ଅବସ୍ଥାପିତ ଓ-ଇକ୍ସବସଭ ସଂସ୍ଥା ର ସଂସ୍ଥାପକ ପ୍ରତାପ ଜେ. ଦାସ ଏବଂ ନିଯୁକ୍ତି ଭାରତର ସଂସ୍ଥାପକ ସରୋଜକାନ୍ତ ବେହେରା ଦକ୍ଷତା ଓ ନିଯୁକ୍ତି ଉପରେ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହାପରେ ନିଯୁକ୍ତି ଭାରତ ନାମକ ଏକ ୱେବ ପୋର୍ଟାଲ ଉନ୍ମୋଚନ କରାଯାଇଥିଲା । ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ଡ଼. ସୁଧାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ପାଠଚକ୍ରର ସଂଯୋଜକ ଅଧ୍ୟାପକ ଗଣେଶ ପ୍ରସାଦ ପଣ୍ଡା ପାଠଚକ୍ରର ଉଦେଶ୍ୟ ଓ ଅଭିପ୍ରାୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଭାଗର ଅନ୍ୟତମ ଅଧ୍ୟାପକ ଗଜେନ୍ଦ୍ର କୁମାର ଦାସ, ସୌମ୍ୟବ୍ରତ ନାୟକ, ରିୟାସତ ଖାନ ଉପସ୍ଥିତ ରହି ସହଯୋଗ କରିଥିଲେ । ଅଧ୍ୟାପିକା ଧରିତ୍ରୀ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ । ପାଠଚକ୍ର ଶେଷରେ ଟାଟା ଷ୍ଟିଲ ତରଫରୁ ମହାବିଦ୍ୟାଳୟର ୨୦ ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ନିମନ୍ତେ ସାକ୍ଷାତକାର ପରୀକ୍ଷା କରାଯାଇଥିଲା ।




# ସାତବର୍ଷର କୁନିଝିଅକୁ ଦୁଷ୍କର୍ମ ଅଭିଯୋଗ

**ଧୂଷୁରୀ,(ନି.ପ୍ର) :** ଧୂଷୁରୀ ଥାନା ଅଧୀନ କାଶିମ ପୁର ଗାଁରେ ମିଥୁନ ଦାସ(୨୦) ନାମକ ଜଣେ ଯୁବକ ୭ ବର୍ଷୀୟ ବାଳିକାକୁ ଦୁଷ୍କର୍ମ କରି ଫେରାର ହୋଇ ଯାଇଥିବା ବାଳିକାର ମା' ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ମିଥୁନ ସେହି କୁନି ବାଳିକାକୁ ଟ୍ୟୁସନ କରେ । ଗତକାଲି (ରବିବାର ) ସନ୍ଧ୍ୟା ବେଳେ ନିକଟରେ ଏକ ଘରେ ଟ୍ୟୁସନ କରିବାକୁ ଡାକି ନେଇଥିଲା । ସାଥିରେ କୁନି ବାଳିକାର ସାନଭାଇ ୫ ବର୍ଷର ବାଳକ ବି ଥିଲା । ପାଣି ଆଣିବାକୁ ସେହି ବାଳକକୁ ପଠାଇ ଭିତର ପଟୁ କବାଟ ଦେଇ ଯୁବକ ଜଣକ ନୃସଂଶ କାର୍ଯ୍ୟ କରିଥିଲା । ବାଳିକା ଜଣକ ପାଟି କରି କାନ୍ଦିବାରୁ ତାକୁ ଜୀବନରୁ ମାରି ଦେଇ ନଈକୁ ଫିଙ୍ଗି ଦେବ ବୋଲି ଧମକ ଦେଇଥିଲା । ସୌଭାଗ୍ୟ ବଶତଃ ବାଳିକାର ପିତା ସେଠାରେ ପହଞ୍ଚି ଉଲଗ୍ନ ଅବସ୍ଥାରେ ଝିଅକୁ ଦେଖି ହତବାକ ହୋଇ ଯାଇଥିଲେ । ଏହି ସମୟରେ ସେହି ଯୁବକ ଧକ୍କା ମାରି ସେ ସ୍ଥାନରୁ ଖସି ଯାଇଥିଲା । ମଙ୍ଗଳ ବାର କୁନି ବାଳିକାର ପିତାମାତା ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଥିଲେ । ଏଥି ସହିତ ଥାନା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବାଳିକାଟିର ଡାକ୍ତରି ମାଇନା କରାଯାଇଛି । ଏହି ଖବର ପ୍ରସାରଣ ପରେ ସାରା ଅଞ୍ଚଳରେ ଏହାକୁ ନିନ୍ଦା କରାଯିବା ସହିତ ଦୋଷୀକୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ମତ ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ କେଶ ନଂ ୮୫/ ୨୦୨୫ ରେ ଏକ ମାମଲା ରୁଜୁ ହୋଇଛି ।

# କଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର,(ନି.ପ୍ର) :** ଦେଶି ମଦ ପ୍ରସ୍ତୁତ ଓ ଲୁଚାଇ ରଖିଥିବା ସୁଚନା ପାଇ ମିଳତ ଚଡାଉ କରାଯାଇଛି। ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗରେ ଚଢାଉ କରାଯାଇଛି । ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ଓ ସଦର ପୋଲିସ ତରଫରୁ ମିଳିତ ଚଢାଉ କରାଯାଇଛି । ଚଡାଉ ସୁଚନା ପାଇ ମାଫିଆ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ମଦ ଭାଟି ଭାଙ୍ଗିବା ସହ ୧୫ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମଆଦିକୁ ଜବକ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶି କାନ୍ତ ଦତ୍ତ ସୁଚନା ଦେଇଛନ୍ତି ।

# ଜାତୀୟ ସୁରକ୍ଷା ଦିବସ ଆରମ୍ଭ



**ପାରାଦୀପ,(ନି.ପ୍ର) :** ୫୪ ତମ ଜାତୀୟ ସୁରକ୍ଷା ଦିବସ ଓ ସପ୍ତାହ ପାରାଦୀପ ବନ୍ଦର ରେ ଆରମ୍ଭ ହୋଇଛି । ଏହି ଅବସରରେ ମଙ୍ଗଳବାର ଦିନ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରି ସାମୁହିକ ସୁରକ୍ଷାର ସପଥପାଠ କରାଇଥିଲେ । ସେହିପରି ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସୁରକ୍ଷା ସଚେତନତା ରଥ ଓ ରାଲି କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ରେ ବନ୍ଦରର କର୍ମଚାରୀ ସାମିଲ ହୋଇ ବନ୍ଦର ପ୍ରଶାସନିକ ଭାବନରୁ ବାହାରି ୪ ନମ୍ବର ଗେଟ ପାଖରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା, ସିଏମଇ ସୁଶୀଲ ଚନ୍ଦ୍ର ନାହାକଙ୍କ ସମେତ ବନ୍ଦରର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ସପ୍ତାହ ବ୍ୟାପି ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ରେ ବନ୍ଦର କର୍ମଚାରୀ ଓ ବ୍ୟବହାରକାରୀ ଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସୁରକ୍ଷା ସମ୍ପର୍କିତ ବକ୍ତୃତା, ରଚନା, ପୋଷ୍ଟର ପ୍ରତିଯୋଗିତା ଏବଂ ସେମିନାର ଓ ଡକ ସୁରକ୍ଷା ପ୍ରିଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ ।

# ନବନିର୍ମିତ ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ



**ଚଣ୍ଡିଖୋଲ,(ନି.ପ୍ର) :** ବଡଚଣା ବ୍ଲକ୍ ଅନ୍ତର୍ଗତ ଖଣ୍ଡିଆବନ୍ଧୀ ଠାରେ ନିର୍ମକ୍ଷଣା ଧୀନ ଜଗନ୍ନାଥ ମନ୍ଦିର ପରିସରରେ ଥିବା ପାର୍ଶ୍ୱ ଦେବଦେବୀଙ୍କର ମନ୍ଦିର ର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ମିତ ଜଗନ୍ନାଥ୍ ମନ୍ଦିର ପରିସରରେ ଥିବା ମା ବିମଳା ମନ୍ଦିର, ମା ମହାଲକ୍ଷ୍ମୀ ମନ୍ଦିର, ବିଘ୍ନ ରାଜ ବଟଗଣେଶ ,କାଶୀ ବିଶ୍ୱନାଥ ମନ୍ଦିର, ପ୍ରଭୁ ପତିତପାବନ ସମେତ ୨୭ଗୋଟି ପାର୍ଶ୍ୱ ମନ୍ଦିର ର ରତ୍ନମୁଦ କାର୍ଯ୍ୟ କରଯାଇଥିଲା। ଭକ୍ତ ମାନେ ସାଥିରେ ଆଣି ଥିବା ଧାନ, ସୁନା, ରୂପା ତମ୍ବା, ଅଷ୍ଟଧାତୁ ଆଦି ରତ୍ନମୁଦ ରେ ଅର୍ପଣ କରିଥିଲେ। ଏହିଉପଲକ୍ଷେ ମନ୍ଦିର ପରିସରରେ ଏକ ଯଜ୍ଞର ଆୟୋଜନ କରଯାଇଥିଲା। ଯଜ୍ଞାହୁତି, ଦେବପୂଜନ ଯଥାବିଦ୍ଧି ପଣ୍ଡିତ ବିଜୟ କର, ଆଲୋକ ଚନ୍ଦ୍ର ପଣ୍ଡା, ଅମର ପ୍ରସାଦ ଦାଶ ପ୍ରଭୁପାଦ ରଥଶର୍ମା, ଶ୍ରୀନିବାସ ପଣ୍ଡା, ଜଗତ ଜ୍ୟୋତି ପଣ୍ଡା, ନାରାୟନ ହୋତା ସମାପନ କରିଥିଲେ। କର୍ତ୍ତା ଭାବେ ପ୍ରକାଶ କୁମାର ସାହୁ ସୋୟଂସମ୍ପୂର୍ନା ସାହୁ, ଅମନ କର , ବାଇଧର ସାହୁ ଓ ତାଙ୍କ ପତ୍ନୀ କର୍ତ୍ତା କର୍ତ୍ତି ଭାବେ ଯଜ୍ଞ କାର୍ଯ୍ୟ କରିଥିଲେ। ପରେ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ମନ୍ଦିର ସେବା ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଉଥିବା। ଏଥିରେ କଟକ ଏସିପି ଅମିତାଭ ମହାପାତ୍ର ଡାକ୍ତର ବିଜୟ କୁମାର ଶତପଥି, ମାଧୁରୀ ଶତପଥି, ବିନାୟକ ପଣ୍ଡା, ବ୍ରହ୍ମାନନ୍ଦ ଦାଶ, ଦୁଃଖି ଶ୍ୟାମ ସାହୁ, ଅଭୟ ସାମଲ, ଇନ୍ଦ୍ରମଣି ମହାନ୍ତି, ବୀରେନ୍ଦ୍ର ମିଶ୍ର, ଉଦୟ ନାଥ ସାହୁ, ଶିଳ୍ପପତି ଶେଷଦେବ ନାୟକ,,,ମୁସୁଲ୍ ହାଁସଦା , ରାଜେନ୍ଦ୍ର ପଣ୍ଡା , ଅନନ୍ତ ଦାସ, ଦୀନବନ୍ଧୁ ସ୍ୱାଇଁ, ଉମେଶ ସାହୁ, ଆଶୁତୋଷ ମହାନ୍ତି, ପ୍ରମୁଖ, ଯୋଗ ଦେଇ ଜଗନ୍ନାଥ ମନ୍ଦିର ଯଥା ଶୀଘ୍ର ପୂର୍ଣ୍ଣାଙ୍ଗ କରିବାକୁ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ। ଆସନ୍ତା ମାର୍ଚ୍ଚ ୨୨ତାରିଖ ରେ ଏକ ଆଲୋଚନସ ହେବା ପାଇଁ ନିଷ୍ପତ୍ତି ହୋଇଛି, ସେଶରେ ଚିତ୍ତ ରଂଜନ ମହାପାତ୍ର ଧନ୍ୟ ବାଦ ଅର୍ପଣ କରିଥିଲେ। ଉପସ୍ଥିତ ସମସ୍ତ୍ ଶ୍ରାଦ୍ଧକୁ ଓ ଶ୍ରୀ ଜଗନ୍ନାଥ ପ୍ରେମୀ ମାନେ ଆନନ୍ଦ ବଜାରରେ ମହା ପ୍ରସାଦ ସେବନ କରିଥିଲେ।

# ହ ସମାଜର ଦିଶୁମ ବା ପରବ ୨୦୨୫ ଅନୁଷ୍ଠିତ



**ସୁନ୍ଦରଗଡ,(ନି.ପ୍ର) :** ଟିପି ଟିପି ସନ୍ଧ୍ୟାର ରିମ୍ ଝିମ୍ ଆଲୁଅ ରେ ସୁନେହରା କାର୍ଯ୍ୟ କ୍ରମ ହ ସମାଜ ର ମୁଖ୍ୟ ପର୍ବ ଦିସୁମ ବା ପରବ ଯାହାକି ଫୁଲଦୌ ନାମରେ ବହୁଚର୍ଚ୍ଚିତ ୨୦୨୫ ର ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ ତେହେରାଇ ବେଲକୁଦର୍ ସାହିରେ ବହୁ ଆଡମ୍ବର ସହ ଝିଲିମିଲି ଆଲୁଅରେ ସୁନ୍ଦର ସଯା ସଜରେ ଅନୁଷ୍ଠିତ ହୋଇଛି ଏହି ପର୍ବ ସବୁଜ ପ୍ରାକୃତିକ ସୋନ୍ଦର୍ଯ୍ୟ ର ପୁଷ୍ପ ଫଳକୁ ନେଇ ଆଧାରିତ । ଝଲ ମାଲ କାର୍ଯ୍ୟ କ୍ରମ ଦେଖିବା ପାଇଁ ଆଖ ପାଖ ପ୍ରାୟ ୧୦୦୦ ରୁ ଉର୍ଦ୍ଧ ଲାକ ରୁଣ୍ଡ ହୋଇଥିଲେ ଏହି ଉତ୍ସବରେ ମୁଖ୍ୟ ଅତିଥି ସୁନ୍ଦରଗଡ ଜିଲ୍ଲାର ଡକ୍ଟରେଟ ଉପାଧି ହାସଲ କରିଥିବା ଯୁବ ସମାଜ ସେବୀ ବାଦଲ ବାରିକ୍ , ବିଜୟ ଦେହୁରୀ ,ଆନନ୍ଦ ବାରିକ୍ , କୁମଦ ବାରିକ୍ ,ପ୍ରଦୀପ ଦେହୁରୀ ଏବଂ ଉତ୍ସବର ସମ୍ପାଦକ ପାଣ୍ଡୁ ମୁଣ୍ଡା ସହ ସଂପାଦକ ମାଛୁ ମୁଣ୍ଡା ସହ କମିଟିର ସମସ୍ତ ସଦସ୍ୟ ଙ୍କ ସହମତି ରେ ଖୁବ୍ ସୁନ୍ଦର ଭାବରେ ଶାନ୍ତି ଶୃଙ୍ଖଳା ର ସହ ଉତ୍ସବ କୁ ଆଗେଇ ନେଇଥିଲେ ଓ ହୋ ସମାଜ ର ଏହିପରି ଜ୍ଞାନ ଆଲୋକ ର ପର୍ବ ପାଳିତ କରୁଥିବାରୁ କାଇଡା ବାସି ଅନେକ ଖୁସି ହେବା ସହ ହ ସମାଜ କୁ ଶୁଭ କାମନା କରିଛନ୍ତି।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ସେମି ଫାଇନାଲରେ ବଜରଙ୍ଗି କ୍ଲବ ଘାଟିକିଆ



**ଭାପୁର,(ନି.ପ୍ର) :** ଭାପୁର ବ୍ଲକ ସଦର ମହକୁମା ସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ସମ୍ପର୍କ କ୍ଲବ ଯୁବକ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ଖେଳର ତୃତୀୟ ଲିଗ୍ ମ୍ୟାଚରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ପପୁଲାର କ୍ଲବ ଢେଙ୍କାନାଳ ଓ ବଜରଙ୍ଗି କ୍ଲବ ଘାଟିକିଆ (ଭୁବନେଶ୍ୱର) ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଖେଳର ପ୍ରଥମାର୍ଦ୍ଧରେ ଓ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲେ ମଧ୍ୟ କୌଣସି ଦଳ ବିପକ୍ଷ ଦଳକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ଟ୍ରାଇ ବ୍ରେକରର ସହାୟତା ନିଆ ଯାଇଥିଲା। ଟ୍ରାଇ ବ୍ରେକରର ଖେଳରେ ବଜରଙ୍ଗି କ୍ଲବ ଘାଟିକିଆ (ଭୁବନେଶ୍ୱର) ଫୁଟବଲ ଟିମ୍ ୪-୨ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ରେଫରି ସାଇରାମ କିସ୍କୁ ପରିଚାଳନା କରିଥିବା ବେଳେ ସେଖାଓ୍ୱାତ ଅଲ୍ଲୀଖାନ୍ ଓ ବାଦଲ ମହାନ୍ତି ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସାଗିର ଅହମ୍ମଦ ଓ ମ୍ୟାଚ କମିଶନର ଭାବେ ଅବଦୁଲ ବୟାନ ଖାନ୍ ସହଯୋଗ କରିଥିଲେ। ଆଜିର ମ୍ୟାଚ ରେ ଅତିଥି ଭାବେ ପଦ୍ମାବତୀ ପଞ୍ଚାୟତର ସରପଞ୍ଚ ଅଜୟ କୁମାର ମଲ୍ଲିକ, ଯୋଗିନାଥ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲିର ଚତୁର୍ଥ ଲିଗ୍ ମ୍ୟାଚ ଡି.ଟି.ଏ. କ୍ଲବ ଯାଜପୁର ଓ ଜୟଦୂର୍ଗା କ୍ଲବ ଖୋର୍ଦ୍ଧା ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଭାପୁର ଫୁଟବଲ କ୍ଲବର ସଭାପତି ବ୍ରଜବନ୍ଧୁ ବେହେରାଙ୍କ ଠାରୁ ସୂଚନା।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତି ଉପଲକ୍ଷ ଗୁଡ଼ାରୀ ଡାକ୍ତର ଖାନା ରେ ରୋଗୀଙ୍କୁ ଫଳ ପ୍ରଧାନ



**ଗୁଡ଼ାରୀ,(ନି.ପ୍ର) :** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଜି ହେଇଯାଇଛି ସର୍ଗତ ବିଜୁ ପଟ୍ଟନାୟକ ଙ୍କ ୧୦୯ ତମ ଜୟନ୍ତି ଉପଲକ୍ଷେ ବିଜୁ ଜନତା ଦଳ ର ନେତା ସୁବାଷ ଗୌଡ଼ ତତ୍ତ୍ୱାବଧାନରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସର୍ମୀତା ଶବର, ୱାର୍ଡ ମେମ୍ବର ମାନେ,କୋରଡ଼ା କିରଣ କୁମାର, କୋରଡ଼ା ତିରୁମୂଳା, କତଓପିଳି ଜଗନମୋହନ ରାଉ , ଚିନ୍ନାରି ମୋହନ ରାଉ,ରବିନ୍ଦ୍ରନ୍ନାଥ ପାତ୍ର,ପଞ୍ଚାୟତ ସମିତି ଉପାଧକ୍ଷ ବିଶ୍ୱନ୍ନାଥ ଶବର, ସୁଦିର ପାଲକା ,ଡାକ୍ତର ଓ ବିଜୁ ଜନତା ଦଳ ର କର୍ମୀ ଯୋଗ ଦେଇ ଡ଼ାକ୍ତରଖାନା ରୋଗୀ ଙ୍କୁ ଫଳ ଓ ରୋଟି ପ୍ରଧାନ କରିସାରିଛନ୍ତି ।

# ବୁଢ଼େଶ୍ୱର ମନ୍ଦିର ପରିଚାଳନା ଲାଗି ନୂତନ କମିଟି ଗଠିତ

**ଶେରଗଡ,(ନି.ପ୍ର) :** ଶେରଗଡ ସହର ମଧ୍ୟରେ ବିଜେ କରିଥିବା ପ୍ରଭୁ ବୁଢ଼େଶ୍ୱର ମହାପ୍ରଭୁଙ୍କ ନୀତିକାନ୍ତି ପରିଚାଳନା ଓ ଉନ୍ନତି ସକାଶେ ପୂର୍ବତନ ସରପଞ୍ଚ ବି.ଚେଈନ ପାତ୍ର ଙ୍କ ସଭାପତିତ୍ୱ ରେ ଶେରଗଡ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ପ୍ରଭୁ ବୁଢ଼େଶ୍ୱର ଙ୍କ ମନ୍ଦିର ରେ ଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା ଏବଂ ପୁରୁଣା କମିଟି ନିଷ୍କ୍ରିୟ ହୋଇ ପଡିଥିବା ରୁ ତାକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ ଲାଗି ପ୍ରସ୍ତାବ ଆଗତ କରାଯାଇଥିଲା। ମନ୍ଦିର ପରିଚାଳନା ଲାଗି ୨୧ ଜଣ ସଭ୍ୟ ମନୋନୀତ ହୋଇଥିଲା ବେଳେ ସଭାପତି ଭାବେ ପଟନୁରୁ.ବାବୁଲା ପାତ୍ର,ସମ୍ପାଦକ ଭାବେ ଶ୍ୟାମ ସୁନ୍ଦର ପଟ୍ଟନାୟକ, କୋଷାଧକ୍ଷ ଭାବେ ଏଲ.ରବି ନାରାୟଣ ପାତ୍ର, ଉପଦେଷ୍ଟା ଭାବେ ବାଟୁ ଚେଈନ ପାତ୍ର ଓ ଚିନାରୀ ଚେଈନ ସୁବୁଦ୍ଧି ମନୋନୀତ ହୋଇଛନ୍ତି। ସଭ୍ୟ ମାନେ ହେଲେ ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ, ଭିକାରୀ ଚରଣ ପାଢୀ, କେ.ବାଲୁରାଜୁ ଆଚାରୀ, ମନୋରଞ୍ଜନ ପାଢୀ, ଗଗନ ବିହାରୀ ଦାସ,ରବୀନ୍ଦ୍ର ସ୍ୱାଇଁ, ସରୋଜ ପ୍ରଧାନ, ବଳରାମ ପାଢୀ, ଅରୁଣ କୁମାର ସାହୁ, ରଞ୍ଜିତ ପାତ୍ର, ତ୍ରିପତି ସୁବୁଦ୍ଧି,ବି.ସନ୍ତୋଷ କୁମାର ପାତ୍ର, ବିଘ୍ନେଶ୍ୱର ଆଚାରୀ, ପ୍ରଭାକର ନାୟକ, ସଞ୍ଜୟ କୁମାର ପାତ୍ର (ମୁନା) ପ୍ରଭୃତି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ପ୍ରଭୁ ବୁଢ଼େଶ୍ୱର ଙ୍କ ମନ୍ଦିର ର ପରିଚାଳନା ଓ ଉନ୍ନତି ସକାଶେ ସମସ୍ତ କାର୍ଯ୍ୟ କରିବାକୁ ପ୍ରକାଶ କରିଥିଲେ।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର